# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

### ପ୍ରକଳ୍ପ ସୂଚନାପତ୍ର

JAPAN JBIC

ଭାଗ – ୨ ସଂସ୍କରଣ – ୧ ଏପ୍ରିଲ୍ ୨୦୦୮



## PD's DESK

## ପ୍ରକଳ୍ପ ଅଗ୍ରଗତି

**ମନୋନୀତ ୬୨୩ ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ (୬୫,୮୪୬ ହେକ୍ଟର) ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା :** ଅଣୁଯୋଜନା ପ୍ରସ୍ତୁତି ସମାପ୍ତ ପରେ ଏହାକୁ ଆଧାର କରି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟର ବନ ସଂରକ୍ଷଣ ସମିତି ଗୁଡ଼ିକର ଆୟବ୍ୟୟ ହିସାବ ଖାତା ଖୋଲାଯାଇ ପ୍ରକଳ୍ପ ପାଣ୍ଠି ହସ୍ତାନ୍ତର କରାଯାଇଛି । ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ବ୍ଲକ ବୃକ୍ଷରୋପଣ, ମୃତ୍ତିକା ଓ ଜଳ ସଂରକ୍ଷଣ ଇତ୍ୟାଦି ଅଣୁଯୋଜନାରେ ଅନୁମୋଦିତ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ବନ ସଂରକ୍ଷଣ ସମିତି ଗୁଡ଼ିକୁ ପାଣ୍ଠି ଯୋଗାଇ ଦିଆଯାଇଛି । ଆସନ୍ତା ବୃକ୍ଷରୋପଣ ଋତୁରେ (ଜୁଲାଇ–ଅଗଷ୍ଟ ୨୦୦୮) ବୃକ୍ଷରୋପଣ ନିମନ୍ତେ ବନ ସଂରକ୍ଷଣ ସମିତି ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରି ପ୍ରାରମ୍ଭିକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ।

ଦ୍ୱିତୀୟ ପର୍ଯ୍ୟାୟ ପଦକ୍ଷେପ ସ୍ୱରୂପ ୭୦୧ ସ୍ଥାନ ଚିହ୍ନଟ କରି ବନ ସଂରକ୍ଷଣ ସମିତି ଗଠନ କରାଯାଇଛି କିମ୍ବା ଏଗୁଡ଼ିକୁ ସକ୍ରିୟ କରାଯାଇଛି । ୨୦୦୮–୦୯ ପାଇଁ ଅଣୁ ଯୋଜନା ପ୍ରସ୍ତୁତି ନିମନ୍ତେ ନକ୍ସା ପ୍ରସ୍ତୁତି, ଜଙ୍ଗଲ ଅବସ୍ଥା ଅନୁଧ୍ୟାନ ସହିତ ଗ୍ରାମଗୁଡ଼ିକର ସାମାଜିକ ଅର୍ଥନୈତିକ ଚିତ୍ର ପ୍ରସ୍ତୁତି କରାଯାଇଛି । ସହଭାଗୀ ଗ୍ରାମବାସୀ ମାନଙ୍କୁ ତୁରନ୍ତ ପ୍ରୋତ୍ସାହନ ଯୋଗାଇବା ପାଇଁ ପ୍ରବେଶିକା କାର୍ଯ୍ୟକ୍ରମ ଅନ୍ତର୍ଗତ ଗୋଷ୍ଠୀ ଭିତ୍ତିଭୂମି ଗଠନ ପ୍ରକଳ୍ପ ତରଫରୁ ଆରମ୍ଭ କରାଯାଇଛି । ଉପଯୁକ୍ତ ଗୋଷ୍ଠୀ ଭିତ୍ତିଭୂମି ଚୟନ ନିମନ୍ତେ ସହଭାଗୀ ଗ୍ରାମବାସୀଙ୍କ ପରାମର୍ଶ ଏବଂ ଆବଶ୍ୟକତା ଅନୁସାରେ ବେସରକାରୀ ସଂଗଠନ ସହାୟତାରେ ସହଭାଗୀ ଗ୍ରାମ୍ୟ ଅବଧାରଣାକୁ ଅଗ୍ରାଧିକାର ଦିଆଯାଇଛି ।

### ରୋଜଗାରକ୍ଷମ କାର୍ଯ୍ୟକ୍ରମ

ଗୋଷ୍ଠୀମାନଙ୍କର ଉନ୍ନତି ନିମନ୍ତେ ଅଣୁ–ଯୋଜନାରେ ସ୍ୱତନ୍ତ୍ର ଭାବରେ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି । ଏପରି ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଚୟନ ପାଇଁ ସବିଶେଷ ବିଶ୍ଳେଷଣ, ବଜାର ଅନୁଧ୍ୟାନ, ହିତାଧିକାରୀଙ୍କ ସାମର୍ଥ୍ୟ ଓ ସମ୍ବଳ ଭିତ୍ତିଭୂମିକୁ ବିଚାର କରାଯିବ । ସାଧାରଣ ପରାମର୍ଶଦାତାଙ୍କ ସହଯୋଗରେ ଉପଯୁକ୍ତ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସ୍ଥିରକରି କାର୍ଯ୍ୟକାରୀ କରିବା ସହିତ ସହଭାଗୀ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଗ୍ରାଧିକାର ଦେବା ପାଇଁ ପ୍ରକଳ୍ପ ତରଫରୁ ମାର୍ଗଦର୍ଶିକା ପ୍ରସ୍ତୁତି ଆରମ୍ଭ କରାଯାଇଛି । ସାଧାରଣ ପରାମର୍ଶଦାତାଙ୍କ ଦ୍ୱାରା ବଜାର ଗବେଷଣା କାର୍ଯ୍ୟ ଢାଞ୍ଚା ପ୍ରସ୍ତୁତ କରାଯାଇଛି ।

ଅବଶିଷ୍ଟାଂଶ ୮ମ ପୃଷ୍ଠାରେ

## ଭିତ୍ତିରେଖା ସର୍ବେକ୍ଷଣ

### – ପ୍ରଗତିର ମାନକ ସ୍ଥିରୀକରଣ

ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନେ କିପରି ଜଙ୍ଗଲର ପୁନରୁଦ୍ଧାର କରିପାରିବେ ଏବଂ ସମ୍ବଳଗୁଡ଼ିକର ପ୍ରତିପାଳନ ଭାବରେ ବିନିଯୋଗ କରିପାରିବେ ସେ ସମ୍ବନ୍ଧରେ ଜ୍ଞାନ ହାସଲ ନିମନ୍ତେ ପ୍ରକଳ୍ପ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏପରି ଉଦ୍ୟମ ସଠିକ୍ ଦିଗରେ ଗତି କରୁଛି କି ନାହିଁ ଏହା ଜାଣିବା ପାଇଁ ପ୍ରକଳ୍ପ ଆରମ୍ଭରୁ ବାସ୍ତବ ବ୍ୟବସ୍ଥା ଅନୁଧ୍ୟାନ କରାଯିବ । ଭିତ୍ତିରେଖା ପାରିବାରିକ ସର୍ବେକ୍ଷଣକୁ ଏଥିପାଇଁ ବାଧ୍ୟତା ମୂଳକ କରାଯାଇଛି । ଭିତ୍ତିରେଖା ସର୍ବେକ୍ଷଣର ସବିଶେଷ ତଥ୍ୟ ଏକ ମାନକ ହୋଇଥାଏ ଏବଂ ଏହାଦ୍ୱାରା ପ୍ରଭାବ ନିର୍ଣ୍ଣୟକ ଅନୁଧ୍ୟାନ ଏବଂ/କିମ୍ବା ପ୍ରକଳ୍ପ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାରେ ତୁଳନାତ୍ମକ ସଫଳତା ଜାଣି ହୁଏ । ଭିତ୍ତିରେଖା ସର୍ବେକ୍ଷଣକୁ ପ୍ରକଳ୍ପ ପୂର୍ବାବସ୍ଥା ଓ ମଧ୍ୟବର୍ତ୍ତୀ କିମ୍ବା ପରବର୍ତ୍ତୀ ପର୍ଯ୍ୟାଲୋଚନାକୁ ପ୍ରକଳ୍ପ ପରବର୍ତ୍ତୀ ଅବସ୍ଥା ବୋଲି ଧରାଯିବ ।

### ସର୍ବେକ୍ଷଣ ପାଇଁ ନମୂନା ଗ୍ରାମ

ପ୍ରକଳ୍ପ ଅନ୍ତର୍ଭୁକ୍ତ ଗ୍ରାମ ସଂଖ୍ୟା ପ୍ରାୟ ୨୫୦୦ ହୋଇଥିବାରୁ ଏଥିରୁ ଆନୁମାନିକ ୩୮୦ ଗ୍ରାମକୁ ସ୍ତରୀକରଣ ଯଦୃଚ୍ଛା ନମୂନା କୌଶଳ ଅନୁସରଣରେ ଚୟନ କରାଯିବ । ଏହା ବ୍ୟତୀତ ପ୍ରକଳ୍ପ ବାହାରୁ ୧୪ଟି ପ୍ରକଳ୍ପ ବନଖଣ୍ଡ ମଧ୍ୟରୁ ଅଧିକ ୨୦ଟି ଗ୍ରାମକୁ ତୁଳନା ପାଇଁ ବଛାଯିବ । ଏଣୁ ମୋଟ ୪୦୦ଟି ନମୂନା ଗ୍ରାମକୁ ସର୍ବେକ୍ଷଣ ପାଇଁ ବଛାଯିବ । ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିବା ୧୩୬୨ଟି ପ୍ରକଳ୍ପ ଗ୍ରାମ ମଧ୍ୟରୁ ୨୦୭ଟି ନମୂନା ଗ୍ରାମକୁ ପାରିବାରିକ ସର୍ବେକ୍ଷଣ ପାଇଁ ଗ୍ରହଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ଚିହ୍ନଟ ହେବାକୁ ବାକିଥିବା ୧୧୩୮ ଗ୍ରାମ ମଧ୍ୟରୁ ୧୭୩ଟି ଗ୍ରାମରେ ସର୍ବେକ୍ଷଣ କରାଯିବ ।

### ସାମାଜିକ–ଅର୍ଥନୈତିକ ସଂକେତକ

କେତେକ ମୁଖ୍ୟ ସାମାଜିକ–ଅର୍ଥନୈତିକ ସୂଚକ ଓ ପ୍ରକଳ୍ପ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପରିମାଣାତ୍ମକ ସଂକେତକ ଅନ୍ତର୍ଭୁକ୍ତୀକରଣ ସହିତ ଚିଠା ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇଛି । ଏପରି ସଂକେତକ ଗୁଡ଼ିକ ହେଲା – ଦାରିଦ୍ର୍ୟ ସୂଚକ, ଉତ୍ପାଦକ ପରିସଂପତ୍ତି, ସଂଚୟ ଓ ଋଣ, ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚକ, ସ୍ୱାଧୀନ ଭାବରେ ବିଚାର ଓ ପ୍ରସ୍ତାବ ଦେବା ନିମନ୍ତେ ପ୍ରକଳ୍ପ ପରିଚାଳନା ୟୁନିଟ୍ କେତେକ ପ୍ରତିଷ୍ଠିତ ଏବଂ ଅଭିଜ୍ଞ ଅନୁଷ୍ଠାନ/ସଂଗଠନକୁ ନେଇ ୨୦୦୮ ମାର୍ଚ୍ଚ ୧୦ ତାରିଖରେ ଏକ ବୈଠକ ଡାକିଥିଲେ । ଏହି ବୈଠକରେ ଆବଶ୍ୟକ ସଂକେତକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ଏବଂ ଉପଯୁକ୍ତ ପ୍ରଣାଳୀ ଏବଂ ସଂକେତକଗୁଡ଼ିକୁ ବିଶ୍ଳେଷଣ କରାଯାଇ ଥିଲା । ୨୦୦୮ ମାର୍ଚ୍ଚ ୧୪ ତାରିଖରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ଏପରି ସାମାଜିକ–ଅର୍ଥନୈତିକ ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ନିବନ୍ଧନ (ToR) ସହିତ ପ୍ରସ୍ତାବ ଆହ୍ୱାନ କରିଥିଲେ ।

# ଉନ୍ନୟନ କାର୍ଯ୍ୟକ୍ରମ

## ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ

ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଦ୍ୱିତୀୟ ବୈଠକ ୨୦୦୮ ମସିହା ଫେବୃୟାରୀ ୮ ତାରିଖରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ, ଆଇ.ଏ.ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୨୦୦୮-୦୯ ପାଇଁ ୭୯.୦୭୯ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରିଥିଲେ ।



## ପରିଚାଳନା ସମିତି ବୈଠକ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଓ.ଏଫ୍.ଏସ୍.ଡ଼ି.ପି.)ର ପଞ୍ଚମ ପରିଚାଳନା ସମିତି ବୈଠକ କୃଷି ଉନ୍ନୟନ କମିଶନର ଏବଂ ପରିଚାଳନା ସମିତି ଅଧକ୍ଷ ଶ୍ରୀ ସତ୍ୟ ପ୍ରକାଶ ନନ୍ଦ, ଆଇ.ଏ.ଏସ୍.ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସମିତି ୩ ଜଣ ଉପ ବନ ସଂରକ୍ଷକ କିମ୍ବା ତତ୍ତୁଲ୍ୟ ପଦବୀକୁ ଚୁକ୍ତି ଭିତ୍ତିକ ନିଯୁକ୍ତି ସହିତ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ଡି.ଇ.ଓ. (ଅର୍ଥ), ଦୁଇଜଣ ଭୌଗୋଳିକ ସୂଚନା ପ୍ରଣାଳୀ (GIS) ଓ ପରିଚାଳନା ସୂଚନା ପ୍ରଣାଳୀ (MIS) ବିଶେଷଜ୍ଞ ପଦବୀ ଏବଂ ଜଣେ ସିଷ୍ଟମ୍ ପରିଚାଳକଙ୍କୁ ସେବା ଯୋଗାଣକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି କରିବା ପାଇଁ ଅନୁମୋଦନ କରିଥିଲେ ।



## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବିଭାଗୀୟ କାର୍ଯ୍ୟପଦ୍ଧତି ଓ ପ୍ରଣାଳୀ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଓ.ଏଫ୍.ଏସ୍.ଡ଼ି.ପି. ହିସାବ କାର୍ଯ୍ୟପଦ୍ଧତି ଓ ପ୍ରଣାଳୀ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ୨୨.୧.୨୦୦୮ରେ ବନଖଣ୍ଡ ପରିଚାଳନା ୟୁନିଟ୍‌ର ଅର୍ଥହିସାବ ସହିତ ସଂପୃକ୍ତ ଓଡ଼ିଶା ବନ ଉନ୍ନୟନ କର୍ମକର୍ତ୍ତାଙ୍କ ନିମନ୍ତେ ପ୍ରକଳ୍ପ ପରିଚାଳନା ୟୁନିଟ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ପ୍ରକଳ୍ପ ଡିଭିଜନ୍‌ର ୧୪ ଜଣ ଜଙ୍ଗଲ ସମ୍ପ୍ରସାରଣ ଅଧିକାରୀ (FEO), ୪ ଜଣ କନିଷ୍ଠ କିରାଣୀ, ୩ ଜଣ ବରିଷ୍ଠ କିରାଣୀ, ୪ ଜଣ କନିଷ୍ଠ ହିସାବରକ୍ଷକ, ଜଣେ ଡି.ଇ.ଓ. (DEO) ଏବଂ ଜଣେ ମୁଖ୍ୟ କିରାଣୀ (ଅବସର ପ୍ରାପ୍ତ) ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରକୁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଏ.କେ. ବଂଶଲ, ଆଇ.ଏଫ୍.ଏସ୍ ଉଦ୍‌ଘାଟନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଅର୍ଥହିସାବ ମାନକ ଏବଂ ଅର୍ଥହିସାବ କାର୍ଯ୍ୟପଦ୍ଧତି, ଅର୍ଥହିସାବ ସୂଚନା ପରିଚାଳନା ପଦ୍ଧତି, ସମୀକ୍ଷକଙ୍କ ପର୍ଯ୍ୟବେକ୍ଷଣ, ବୈଧାନିକ ସ୍ୱୀକାର, ଟିକସ ଅସୁଲ, ଜମା ହିସାବ ବନ ସଂରକ୍ଷଣ ସମିତି ହିସାବ ଅର୍ଥହିସାବ ଓ ବ୍ୟୟ ବିବରଣୀ ଆଲୋଚିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ଓ.ଏଫ୍.ଏସ୍.ଡ଼ି.ପି.ର ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରୀ ସଞ୍ଜିତ ପାତ୍ର, ସୂଚନା ପଦ୍ଧତି ପରିଚାଳନା ବିଶେଷଜ୍ଞ ଶ୍ରୀ ସ୍ୱାଧୀନ ମହାନ୍ତି ଓ ଅର୍ଥହିସାବ ରକ୍ଷକ ଶ୍ରୀ ସୁଧୀର ଶ୍ରୀଚନ୍ଦନ ସାଧନ ବ୍ୟକ୍ତି ହିସାବରେ ଯୋଗଦାନ କରିଥିଲେ ।

## ସାଧାରଣ ପରାମର୍ଶଦାତାଙ୍କ ଦ୍ୱାରା ବିଶେଷଜ୍ଞ ନିଯୁକ୍ତି



ସାଧାରଣ ପରାମର୍ଶଦାତା ର ଆନ୍ତର୍ଜାତିକ ପରାମର୍ଶଦାତା ହିସାବରେ ଜୈବ ବିବିଧତା ବିଶେଷଜ୍ଞ ଡଃ ମାଇକେଲ୍ ଗ୍ରୀନ୍ ଓ ଉପକୂଳ ହେନ୍ତାଳ ବନ ପରିଚାଳନା ବିଶେଷଜ୍ଞ ମିଃ ଡେକ୍ସଟର ଏମ୍.କାବାହଗ ଏବଂ ଜାତୀୟ ପରାମର୍ଶଦାତା ହିସାବରେ ଜୈବ ବିବିଧତା ବିଶେଷଜ୍ଞ ଶ୍ରୀ ହେମେନ୍ଦ୍ର ସିଂହ ପାନୱାର ଯୋଗଦାନ କରିଛନ୍ତି । ଏହାଛଡ଼ା ୧୦ ଜଣ କ୍ଷେତ୍ର ବିଶେଷଜ୍ଞ ମଧ ନିଯୁକ୍ତି ପାଇଛନ୍ତି । ଏମାନେ ୨୦୦୮ ମସିହା ମାର୍ଚ୍ଚ ୧୪-୧୫ରେ ପ୍ରାରମ୍ଭିକ ପାରିସ୍ଥିତିକ ପ୍ରଶିକ୍ଷଣ ପରେ କାର୍ଯ୍ୟ ଆରମ୍ଭ କରିଛନ୍ତି । କ୍ଷେତ୍ର ବିଶେଷଜ୍ଞମାନେ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା/ପ୍ରକଳ୍ପ ପରିକଳ୍ପନା ୟୁନିଟ୍ ଏବଂ ବନଖଣ୍ଡ ପରିଚାଳନା ୟୁନିଟ୍ ତଥା କ୍ଷେତ୍ର ପରିଚାଳନା ୟୁନିଟ୍ ମଧ୍ୟରେ ସଂଯୋଗ ସ୍ଥାପନ କରିବେ । ସେମାନେ ପରାମର୍ଶଦାତା ସେବାର ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ପ୍ରଗତି ସମ୍ବନ୍ଧୀୟ ତଥ୍ୟ ସଂକଳନ କରିବା ସହିତ ସ୍ୱତନ୍ତ୍ର ବୈଷୟିକ ଇନ୍‌ପୁଟ୍ ସମ୍ବନ୍ଧୀୟ ତଥ୍ୟ ସଂକଳନ ଏବଂ ପ୍ରକଳ୍ପ ପରିଚାଳନା କମିଟି/ପ୍ରକଳ୍ପ ପରିଚାଳନା ୟୁନିଟ୍‌କୁ ପ୍ରକଳ୍ପ କାର୍ଯ୍ୟ ଅବଧାରଣ ନିମନ୍ତେ ତଥ୍ୟ ଯୋଗାଇବେ । ଏତଦ୍ ବ୍ୟତୀତ ବନଖଣ୍ଡ ପରିଚାଳନା ୟୁନିଟ୍‌କୁ ଯୋଜନା ପ୍ରକ୍ରିୟା ସହାୟତା ଯୋଗାଇବା ସହିତ ପ୍ରକଳ୍ପ ପରିଚାଳନା, ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣ କରିବେ । ଏହି ବିଶେଷଜ୍ଞମାନେ କ୍ଷେତ୍ର ପରିଚାଳନା ୟୁନିଟ୍‌କୁ ବିଭିନ୍ନ ବେସରକାରୀ ସଂଗଠନ ଓ ବନ ସଂରକ୍ଷଣ ସମିତି ଗ୍ରହଣ କରିଥିବା ପ୍ରକଳ୍ପ ପର୍ଯ୍ୟାଲୋଚନା ଏବଂ ମାର୍ଗ ଦର୍ଶନରେ ସହାୟତା କରିବେ ।

## "ଭୂବିନିଯୋଗ ଓ ବନୀକରଣ ନିମନ୍ତେ ଜାତୀୟ ଅଙ୍ଗାର ହିସାବ ପଦ୍ଧତି ବିକାଶର ଢାଞ୍ଚା ଗଠନ" ସମ୍ବନ୍ଧୀୟ କର୍ମଶାଳା




୨୦୦୮ ମସିହା ଜାନୁୟାରୀ ୧୧ ତାରିଖ ଦିନ ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ସମ୍ମିଳନୀ କକ୍ଷରେ "ଭୂବିନିଯୋଗ ଓ ବନୀକରଣ ନିମନ୍ତେ ଜାତୀୟ ଅଙ୍ଗାର ହିସାବ ପଦ୍ଧତି ବିକାଶର ଢାଞ୍ଚା ଗଠନ" ସମ୍ବନ୍ଧୀୟ କର୍ମଶାଳା ଜାତୀୟ ବନୀକରଣ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପର ଯୁଗ୍ମ ନିର୍ଦ୍ଦେଶକ ଡଃ ଅଜୟ କୁମାର ମହାପାତ୍ର ଏକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । କର୍ମଶାଳାରେ ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ, ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ କର୍ତ୍ତୃପକ୍ଷ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ବନ ଅଧିକାରୀ ମାନେ ଯୋଗଦାନ କରିଥିଲେ । ଡଃ ମହାପାତ୍ର ଜଙ୍ଗଲ ଓ ଭୂବିନିଯୋଗ ପ୍ରଣାଳୀରେ ବିଭିନ୍ନ ଅଙ୍ଗାର ବାଜ୍ୟାପ୍ତୀକରଣ ଉପରେ ଆଲୋଚନା କରିଥିଲେ । ବହୁଲେଖାକୁ ଉଲ୍ଲେଖ କରି ସେ ଜଙ୍ଗଲ କ୍ଷେତ୍ରରେ ଜାତୀୟ ଅଙ୍ଗାର ହିସାବ ପ୍ରଣାଳୀର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହା ସି.ଡି.ଏମ୍. (CDM) ବନ ପ୍ରକଳ୍ପ ଆରମ୍ଭ ପାଇଁ ଆବଶ୍ୟକ ହେବ ଏବଂ ବିଭିନ୍ନ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ପାଇଁ ପାଣ୍ଠିଯୋଗାଣକୁ ଆକର୍ଷିତ କରିବ । ତାଙ୍କର ଆଲୋଚନାର ମୁଖ୍ୟ ଦିଗଥିଲା କିପରି ସମ୍ଭାବିତ ଉଜୁଡ଼ା ଜଙ୍ଗଲ ଗୁଡ଼ିକ ସି.ଡି.ଏମ୍. ବନପ୍ରକଳ୍ପର ଅନ୍ତର୍ଭୁକ୍ତ ହୋଇପାରିବ । ଜଙ୍ଗଲ କାର୍ଯ୍ୟାବଳୀରୁ ନିର୍ଗତ ହୋଇଥିବା ଅଙ୍ଗାର ପରିମାଣ ନିରୂପଣ କରିବା ପାଇଁ ଏବଂ ବିଭିନ୍ନ ପରିଚାଳନା ଦୃଶ୍ୟପଟ୍ଟରେ ସମ୍ଭାବିତ ଅଙ୍ଗାର ବାଜ୍ୟାପ୍ତୀକରଣ ସମ୍ବନ୍ଧରେ ବହୁ ଢାଞ୍ଚାର ମଡେ଼ଲ୍ ଉପଲବ୍ଧ ଥିବା କଥା ସେ ବର୍ଣ୍ଣନା କରିଥିଲେ । ବନ ସଂରକ୍ଷଣ ସମିତି, ଜଙ୍ଗଲ ଉନ୍ନୟନ ସଂଗଠନ ଓ କୃଷକ ସମବାୟ ଅନୁଷ୍ଠାନ ପରି ଗୋଷ୍ଠୀ ସଂଗଠନ ସି.ଡ଼ି.ଏମ୍. ପାଣ୍ଠି ବିନିଯୋଗ କରି ବଡ଼ ବଡ଼ ବୃକ୍ଷରୋପଣ କରିପାରିବେ କିମ୍ବା ପ୍ରସ୍ତାବିତ ଭୂ ବିନିଯୋଗ ପ୍ରଣାଳୀରେ ଅଙ୍ଗାର ସଂରକ୍ଷଣ ପାଇଁ ପଦ୍ଧତି ଅବଲମ୍ବନ କରିପାରିବେ । ପ୍ରକଳ୍ପ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ କର୍ତ୍ତୃପକ୍ଷ ଏକ ନୋଡ଼ାଲ୍ ସଂସ୍ଥା ହିସାବରେ ଉପଯୁକ୍ତ ପ୍ରକଳ୍ପ ପ୍ରସ୍ତୁତ କରିପାରିବେ ଏବଂ ଓ.ଏଫ୍.ଏସ୍.ଡ଼ି.ପି. ଏଥିପାଇଁ ସହାୟତା ଯୋଗାଇ ଦେଇପାରିବ ।

# ଜାପାନ ଦୂତାବାସ କାଉନସେଲରଙ୍କ ପରିଦର୍ଶନ



୨୦୦୮ ମସିହା ଫେବୃୟାରୀ ୨୮ ତାରିଖ ଅପରାହ୍ନରେ ନୂଆଦିଲ୍ଲୀସ୍ଥ ଜାପାନ ଦୂତାବାସର କାଉନ୍‌ସେଲର ମିଃ କେଇଜି କାମିୟାମା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ର ପ୍ରକଳ୍ପ ପରିଚାଳନା ୟୁନିଟ୍ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ମିଃ କାମିୟାମାଙ୍କ ଜାପାନ ସରକାରଙ୍କ ଓଡ଼ିଶାରେ ମୁଖ୍ୟ ସରକାରୀ ଉନ୍ନୟନ ସହାୟତା ପ୍ରକଳ୍ପ ସଂକ୍ରାନ୍ତୀୟ ଦୁଇଦିନିଆ ପରିଦର୍ଶନର ଅଂଶ ବିଶେଷ ଥିଲା । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ସହିତ ମିଃ କାମିୟାମା ମଧ ଗୋଷ୍ଠୀ ସହଭାଗିତାରେ ଚାଲୁଥିବା ଚିଲିକା ଲାଗୁନ୍‌ର ପ୍ରାକୃତିକ ସମ୍ବଳ ସଂରକ୍ଷଣ ଓ ବିବେଚିତ ବ୍ୟବହାର ପାଇଁ ଜେ.ଆଇ.ସି.ଏ – ସି.ଡ଼ି.ଏ. ପ୍ରକଳ୍ପ ପରିଦର୍ଶନ କରି ମୁଖ୍ୟ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିଥିଲେ । ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକରେ ପ୍ରଥମେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂଶଲ୍, ଆଇ.ଏଫ୍.ଏସ୍. ଜାପାନ ଆନ୍ତର୍ଜାତିକ ସହଯୋଗ ବ୍ୟାଙ୍କର ଆର୍ଥିକ ସହାୟତାକୁ ପ୍ରଶଂସା କରିଥିଲେ । କାରଣ ଏହି ଆର୍ଥିକ ସହାୟତା ଗୋଷ୍ଠୀ ବିକାଶ ଜରିଆରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଏବଂ ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉର୍ଦ୍ଦିଷ୍ଟ ଅଟେ । ଏହା ସହିତ ଶ୍ରୀ ବଂଶଲ ମିଃ କାମିୟାମାଙ୍କୁ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ଓ ମୁଖ୍ୟ ପ୍ରକଳ୍ପ କାର୍ଯ୍ୟାବଳୀର ସାଂପ୍ରତିକ ସ୍ଥିତି ସମ୍ବନ୍ଧରେ ସଂକ୍ଷେପ ସୂଚନା ଦେଇଥିଲେ । ମିଃ କାମିୟାମା ସ୍ୱତନ୍ତ୍ର ଭାବରେ ମଣିଷ–ପ୍ରାଣୀ ମଧ୍ୟରେ ଥିବା ଦ୍ୱନ୍ଦ ଓ ହେନ୍ତାଳବନ ଏବଂ ଗୋଷ୍ଠୀ ସହଭାଗିତା ଉପରେ ଆଗ୍ରହୀ ଥିଲେ । ସେ ହେନ୍ତାଳବନ ଓ ଅନ୍ୟାନ୍ୟ ଉପକୂଳ ବନୀକରଣ କିପରି ସାମୁଦ୍ରିକ ବାତ୍ୟା (ସୁନାମି)ର କୁ ପ୍ରଭାବ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ କରିପାରିବ ସେ ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ଅନ୍ୟାନ୍ୟ ପଦାଧିକାରୀ ହେଲେ –

ଶ୍ରୀ ବିଜୟ କୁମାର ସ୍ୱାଇଁ, ଆଇ.ଏଫ୍.ଏସ୍., ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ

ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଆଇ.ଏଫ୍.ଏସ୍., ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ

ଶ୍ରୀ ଏ.ସି. ଦିନାକର, ଆଇ.ଏଫ୍.ଏସ୍., ଉପ ପ୍ରକଳ୍ପ ନିର୍ଦ୍ଦେଶକ

ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର, ଓ.ଏଫ୍.ଏସ୍
ଉପ ପ୍ରକଳ୍ପ ନିର୍ଦ୍ଦେଶକ

ମିଃ ମାଧବ ଜି. ଗୋଗଟେ, ଦଳ ପତି, ସାଧାରଣ ପରାମର୍ଶଦାତା

ମିଃ ତୋଶୋହିରୋ ସିବାୟାମା,ପର୍ଯ୍ୟାଲୋଚନା ଓ ମୂଲ୍ୟାଙ୍କନ ବିଶେଷଜ୍ଞ, ସାଧାରଣ ପରାମର୍ଶଦାତା

# ଆସନ୍ତୁ ଟାଣିବା ପ୍ରଭୁ ଜଗନ୍ନାଥଙ୍କ ରଥ

## - ପ୍ରକଳ୍ପ ଉଦ୍ଦେଶ୍ୟ ସାଧନ ପାଇଁ ସହଭାଗୀ କାର୍ଯ୍ୟପରିଚାଳନା

ଆମର ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ପବିତ୍ର ରଥ ଟାଣିବାର ଏକ ସୁପ୍ରତିଷ୍ଠିତ ପରମ୍ପରା ରହିଛି । ଏହି ଅନୁଭୂତିରୁ ଶିକ୍ଷା ଲାଭ କରି ଆମେ ସମସ୍ତେ ଗୋଟିଏ ଦିଗରେ ସମସ୍ତ ପ୍ରଚେଷ୍ଟାକୁ ସଂଯୋଗ ପ୍ରବଣ କରୁଛେ କି ନାହିଁ ଏହାର ସମୀକ୍ଷା କରିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ପ୍ରକଳ୍ପ କର୍ମକର୍ତ୍ତା ଏବଂ ସହଭାଗୀ ବେସରକାରୀ ସଂଗଠନ ମଧ୍ୟରେ ବହୁବାର ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଯେଉଁସବୁ ବିଷୟ ଆଲୋଚିତ ହୋଇଛି ସେଗୁଡ଼ିକ ହେଲା ସହଭାଗୀ ବେସରକାରୀ ସଂଗଠନର ଭୂମିକା ଓ ଦାୟିତ୍ୱ, ସଂଗଠନ ପ୍ରସଙ୍ଗ, ରୋଜଗାରକ୍ଷମ କାର୍ଯ୍ୟକ୍ରମ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତିକରଣ । ଏହିସବୁ ଆଲୋଚନା ଫଳାଫଳ ମିଶ୍ରିତ ଭାବରେ ଆଶା ଓ ସଂଶୋଧନ ଆବଶ୍ୟକତା ସୂଚାଇ ଥିଲା । ଅନୁସୃତ ମାର୍ଗ ଓ ସଂସ୍କୃତିରେ ତାରତମ୍ୟ ରହିଥିଲେ ମଧ ଓଡ଼ିଶା ଜଙ୍ଗଲ ବିଭାଗ ଓ ସହଭାଗୀ ବେସରକାରୀ ସଂଗଠନ ମଧ୍ୟରେ ସହଭାଗିତା ଓ ସହଯୋଗିତା ପ୍ରଥମ ପଦକ୍ଷେପ ହୋଇ ଉଭୟଙ୍କ ଦ୍ୱାରା ସମ୍ମୁଖୀନ ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବା ନିମନ୍ତେ ପ୍ରଶଂସାଯୁକ୍ତ ଏବଂ ଉତ୍ସାହ ମୂଳକ ହେବା ବଡ଼ ଖୁସିର ଖବର । ବେସରକାରୀ ସଂଗଠନ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କୁ ସାହାଯ୍ୟ କରିବା ନିମନ୍ତେ ସେମାନଙ୍କର ଦାୟିତ୍ୱ ସହ ପରିଚିତ ହୋଇ ଗୋଷ୍ଠୀ ପ୍ରସ୍ତୁତି କରଣ, ସୂକ୍ଷ୍ମାନୁଭବୀକରଣ ସହିତ ଉତ୍ପାଦନ ବୃଦ୍ଧି ପାଇଁ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ତେବେ ବେସରକାରୀ ସଂଗଠନ ଓ ବହୁକ୍ଷେତ୍ରରେ କ୍ଷେତ୍ର ପରିଚାଳନା ୟୁନିଟ୍/ଖଣ୍ଡୀୟ ପରିଚାଳନା ୟୁନିଟ୍ ବେସରକାରୀ ସଂଗଠନ ଗୁଡ଼ିକର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ଅଧିକ ସ୍ପଷ୍ଟୀକରଣ ଆବଶ୍ୟକ କରନ୍ତି । ପାରସ୍ପରିକ ଅଧିକ ବୁଝାବଣା ପାଇଁ ସ୍ପଷ୍ଟୀକରଣ ଆବଶ୍ୟକ କରୁଥିବା ବିଷୟଗୁଡ଼ିକ ହେଲା –

▲ ସୂଚନା ପ୍ରକ୍ରିୟା (କେଉଁ ପ୍ରସଙ୍ଗ କେବେ ଓ କେତେ ଶୀଘ୍ର ଏବଂ କେଉଁମାନଙ୍କ ସହ କେଉଁ ସୂଚନା ପଦ୍ଧତିରେ ଆଲୋଚନା କରାଯିବ) ।

▲ ନିଷ୍ପତି ମୂଳକ ପ୍ରକ୍ରିୟା (କିଏ କେତେବେଳେ ଓ କେତେ ଶୀଘ୍ର ନିଷ୍ପତ୍ତି ନେବା ପାଇଁ କ୍ଷମତାପ୍ରାପ୍ତ) ।

▲ ବେସରକାରୀ ସଂଗଠନ ପର୍ଯ୍ୟାଲୋଚନା ଓ ସେମାନଙ୍କର କାର୍ଯ୍ୟାବଳୀ ମୂଲ୍ୟାଙ୍କନ ପ୍ରଣାଳୀ ।

▲ ବ୍ୟବସ୍ଥାଗତ କାର୍ଯ୍ୟ ବନ୍ଦୋବସ୍ତ (କ୍ଷେତ୍ର ପରିଚାଳନା ୟୁନିଟ୍‌ରେ କମ୍ପ୍ୟୁଟର ବ୍ୟବହାର, ବନ ସଂରକ୍ଷଣ ସମିତିକୁ ଗ୍ରାମ୍ୟ ଜଙ୍ଗଲ କର୍ମୀଙ୍କ ସହିତ ପରିଦର୍ଶନ, ଆବଶ୍ୟକ ସ୍ଥଳେ ବ୍ୟକ୍ତି ବିଶେଷ ପରିବର୍ତ୍ତନ ଇତ୍ୟାଦି) ।

▲ ଅଣୁ–ଯୋଜନା ପ୍ରସ୍ତୁତି, ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ, ରୋଜଗାରକ୍ଷମ କାର୍ଯ୍ୟକ୍ରମ ଓ ଜୀବିକା ନିର୍ବାହ ଉନ୍ନତି କାର୍ଯ୍ୟକ୍ରମ ସହିତ ସହଯୋଗ ।

ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ ଉଭୟପକ୍ଷ ମଧ୍ୟରେ ପୁନଃ ଅଭିମୁଖ୍ୟ କରଣ ଏବଂ ସମତା ପାଇଁ ନିୟମିତ ବୈଠକ, କର୍ମଶାଳା ଓ ପ୍ରଶିକ୍ଷଣ ଆବଶ୍ୟକ । ଏହା ସହିତ ନିମ୍ନୋକ୍ତ ବିଷୟରେ କେତେକ ମାର୍ଗଦର୍ଶିକା ଆବଶ୍ୟକ ।

● ପ୍ରାରମ୍ଭିକ ଆଲୋଚନା ଓ ମୂଲ୍ୟାଙ୍କନ ସୂଚନା ଅନୁଯାୟୀ ଗୋଷ୍ଠୀ ପ୍ରସ୍ତୁତିକରଣ, ସହଭାଗିତା, ସ୍ୱୟଂ ସହାୟକ ଗୋଷ୍ଠୀ, ରୋଜଗାରକ୍ଷମ ଯୋଜନା, ଜୀବିକା ନିର୍ବାହ ଉନ୍ନତି ଇତ୍ୟାଦି କାର୍ଯ୍ୟକ୍ରମରେ ସହାୟତା ପାଇଁ ବେସରକାରୀ ସଂଗଠନର ସାମର୍ଥ ବିକାଶ ଆବଶ୍ୟକ । ଏହାର ଉପଯୁକ୍ତ ମୂଲ୍ୟାଙ୍କନ ହେବା ଏବଂ ସହଭାଗୀ ଯୋଜନାଭୁକ୍ତ ସାମର୍ଥ୍ୟ ବିକାଶ ରଣନୀତିର ସୁଦୃଢ଼ୀକରଣ ହେବା ଆବଶ୍ୟକ ।

● ପ୍ରତି ବେସରକାରୀ ସଂଗଠନ / ଗ୍ରାମ୍ୟ ବନସେବକ ପାଇଁ ବନ ସଂରକ୍ଷଣ ସମିତି ଧାର୍ଯ୍ୟ ଲକ୍ଷ୍ୟରେ ଅସମାନତା ପ୍ରକଳ୍ପ ପରିଚାଳନାରେ ଏକ ମୁଖ୍ୟ ଅନ୍ତରାୟ ସୃଷ୍ଟି କରେ । ଏଣୁ ବେସରକାରୀ ସଂଗଠନ ପାଇଁ ବନ ସଂରକ୍ଷଣ ସମିତିର ଉପଯୁକ୍ତ ପୁନଃବଣ୍ଟନ ପାଇଁ ଜରୁରୀ ଧ୍ୟାନ ଦେବା ଆବଶ୍ୟକ । ପ୍ରକଳ୍ପ ପରିଚାଳନା ୟୁନିଟ୍ ପରାମର୍ଶ କ୍ରମେ ସାଧାରଣ ପରାମର୍ଶଦାତା ଏହାକୁ ସୁଗମ କରିବା ଆବଶ୍ୟକ ।

● ପ୍ରକଳ୍ପ ଅନ୍ତର୍ଗତ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମରେ ଯେଉଁ ଦୁଇଟି ଦିଗପ୍ରତି ଗୁରୁତ୍ୱ ଦିଆଯିବ ସେଗୁଡ଼ିକ ହେଲା ବଜାର ଚାହିଦା ଆଧାରିତ କାର୍ଯ୍ୟ ଓ ପର୍ଯ୍ୟାପ୍ତ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ । ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମଗୁଡ଼ିକୁ ପ୍ରକଳ୍ପ ମଧ୍ୟରେ ପରିଚାଳନା ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯିବ ।

ପଦକ୍ଷେପ ୧୨ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଗୁଡ଼ିକର ଆନୁଷ୍ଠାନିକୀକରଣ ।

ପଦକ୍ଷେପ ୧୧ ବିପଣନ ସଂଯୋଗ ସମର୍ଥନ ।

ପଦକ୍ଷେପ ୧୦ ନିମ୍ନ ସ୍ତରରେ ଥିବା ସ୍ୱୟଂ ସହାୟକ ଦଳ ଦ୍ୱାରା ରୋଜଗାର କ୍ଷମ କାର୍ଯ୍ୟକ୍ରମ ।

ପଦକ୍ଷେପ ୯ ନିମ୍ନ ସ୍ତରରେ ଥିବା ସ୍ୱୟଂ ସହାୟକ ଦଳର ମାନ ନିରୂପଣ ଓ ମୂଲ୍ୟାଙ୍କନ ।

ପଦକ୍ଷେପ ୮ ଅନ୍ୟାନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମକୁ ସମର୍ଥନ ।

ପଦକ୍ଷେପ ୭ ବିପଣନ ଗବେଷଣା ।

ପଦକ୍ଷେପ ୬ ରୋଜଗାରକ୍ଷମ କାର୍ଯ୍ୟକ୍ରମ ପାଇଁ ମାର୍ଗଦର୍ଶିକା ପ୍ରଣୟନ ।

ପଦକ୍ଷେପ ୫ ମନୋନିତ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାରକ୍ଷମ କାର୍ଯ୍ୟକ୍ରମର ପଥପ୍ରଦର୍ଶନ ପରୀକ୍ଷା ।

ପଦକ୍ଷେପ ୪ ମନୋନୀତ ସ୍ୱୟଂ ସହାୟକ ଗୋଷ୍ଠୀର ସାମର୍ଥ୍ୟ ବିକାଶ ।

ପଦକ୍ଷେପ ୩ ରୋଜଗାରକ୍ଷମ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ସ୍ୱୟଂ ସହାୟକ ଗୋଷ୍ଠୀ ମନୋନୟନ ।

ପଦକ୍ଷେପ ୨ ୬ ମାସରୁ ଅଧିକ ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀର ମାନ ନିରୂପଣ ଓ ମୂଲ୍ୟାଙ୍କନ ।

ପଦକ୍ଷେପ ୧ ସ୍ୱୟଂ ସହାୟକ ଗୋଷ୍ଠୀର ମାନ ନିରୂପଣ ପାଇଁ ମାନବ ସାଧନ ପ୍ରସ୍ତୁତି ।

ଏହିସବୁ ପରିବର୍ତ୍ତନ ଫଳରେ ବିଭିନ୍ନ ପ୍ରଚେଷ୍ଟାର ଉତ୍ତମ ଏକାଭିମୂଖୀ କରଣ ଓ ତାଳମେଳ ରହିବାର ଆଶା କରାଯାଏ । ଏହା ଦ୍ୱାରା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଶ୍ରୀ ଜଗନ୍ନାଥଙ୍କ ପିଲାମାନେ ପ୍ରଗତିର ରଥକୁ ଆଗକୁ ଗଡ଼ାଇ ନେଇ ପାରିବେ ।

**– ଏମ୍.ସୁଜି. ଓ ପି.ଆର୍. ଚୌଧୁରୀ**

# ଉପକୂଳ ବନୀକରଣ

## - ଏକ ପ୍ରକଳ୍ପ ସମ୍ଭାବନା

ଓଡ଼ିଶାକୁ ମିଳିଥିବା ଈଶ୍ୱରଙ୍କ ପ୍ରଦତ୍ତ ଉପହାର ମଧ୍ୟରୁ ସୁନ୍ଦର, ପ୍ରଶାନ୍ତ ଓ ସୁବିସ୍ତୀର୍ଣ୍ଣ ବେଳାଭୂମି ଏକ ଅନନ୍ୟ ବରଦାନ । ଏହି ଈଶ୍ୱର ପ୍ରଦତ୍ତ ଉପହାରକୁ ଆମେ ସାଧାରଣ ଭାବେରେ ଏବଂ ଦାୟିତ୍ୱ ହୀନ ଭାବରେ ଗ୍ରହଣ କରୁଛୁ ଏବଂ ଏହାର ସୁରକ୍ଷା ପାଇଁ ଆମର କୌଣସି ଉଦ୍ୟମ ନାହିଁ । ଏହି ବେଳାଭୂମି ସମ୍ବଳ ଆମର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ । କିନ୍ତୁ ଏଗୁଡ଼ିକର ଲୋଭନୀୟ ବା ଅନିୟମିତ ବ୍ୟବହାର କିମ୍ବା ଯଥେଷ୍ଟ ଅପବ୍ୟବହାର ଅନିଚ୍ଛାକୃତ ବା ଅନଭିପ୍ରେତ ମନେହୁଏ । ସଂପ୍ରତି ସମୂଦ୍ର କୂଳ କାର୍ଯ୍ୟାବଳୀ ମଧ୍ୟରେ ନୂତନ ବନ୍ଦର ପ୍ରତିଷ୍ଠା, ଚିଙ୍ଗୁଡ଼ି ଚାଷ ଏବଂ ଏହାର ଅଣ–ପ୍ରତିପାଳକ ଭୂ–ବିନିଯୋଗ ପରିବର୍ତ୍ତନ ଯୋଗୁ ବେଳାଭୂମି ବିପଦ ସଙ୍କୁଳ ହୋଇ ପଡ଼ିଛି । ଏପରି ବେଳାଭୂମିର ପ୍ରାକୃତିକ ପରିସଂସ୍ଥା ଜୁଆର ମାଡ଼ିବା ବିପଦକୁ ପ୍ରତିହତ କରିବା ପାଇଁ ଏକ ଅପୂର୍ବ ରୋଧକ ରୂପେ କାର୍ଯ୍ୟ କରୁଥିବା ସ୍ଥଳେ ଏହାର ମୂଳଦୁଆ ଆଜି ବିପଦ ସଙ୍କୁଳ ହୋଇପଡ଼ିଛି । ଏପରି ଭଙ୍ଗୁର ଓ କୌତୁହଳପୂର୍ଣ୍ଣ ପରିସଂସ୍ଥାର ଦାୟିତ୍ୱହୀନ ଉପଚାର ଯୋଗୁ ଏହାର ଅବକ୍ଷୟ ଘଟିବା ସହିତ ପରିଣାମ ସ୍ୱରୂପ ପରିସଂସ୍ଥାର ସମସ୍ତ ଉପାଦାନ ଓ ମାନବ ଜୀବନ ପାଇଁ ଯନ୍ତ୍ରଣାଦାୟକ ହୋଇପଡ଼ିଛି ।

### ଉପକୂଳ ବନୀକରଣ କାହିଁକି ?

ସୁବର୍ଣ୍ଣରେଖା, ବୈତରଣୀ, ମହାନଦୀ ଓ ଋଷିକୂଲ୍ୟା ପରି ନଦୀର ସମୁଦ୍ର ସହ ମିଳନ ସ୍ଥଳରେ ମୁହାଁଣ ପୋତି ହୋଇଯିବା ବା ଚିଲିକା ପରି ଲବଣ ହ୍ରଦ ସୃଷ୍ଟି କରିବା ଯୋଗୁ ଏକଦା ଅପୂର୍ବ ହେନ୍ତାଳବନ ଦ୍ୱାରା ଆଚ୍ଛାଦିତ ହୋଇ ଅମୂଲ୍ୟ ଜନ୍ତୁବର୍ଗର ଆଶ୍ରୟସ୍ଥଳ ହୋଇଥିଲା । ଏପରି ଅଞ୍ଚଳ ମାଛ ଓ ଅନ୍ୟାନ୍ୟ ଜଳଜ ଜୀବ ମାନଙ୍କ ପ୍ରଜନନ ଓ ବୃଦ୍ଧି ପାଇଁ ଏକ ନର୍ସରୀ ସଦୃଶ ହୋଇ ଜୀବନ ପ୍ରଣାଳୀ ଏବଂ ଖାଦ୍ୟ ଜାଲକୁ ସମର୍ଥନ ଯୋଗାଇଥିଲା । ଷାଠିଏ ଦଶକରୁ ରାଜ୍ୟରେ ଝାଉଁବଣର ଉପକାରିତା ଅନୁଭବ କରି ଏହାକୁ ଏକ ଆଶ୍ରୟ କମରବନ୍ଧ ରୂପେ ନିଆଯାଇଛି । ଭଗବାନ ଶିବଙ୍କ ଜଟାରେ ଥିବା ଗଙ୍ଗାମାତାଙ୍କୁ ସ୍ୱର୍ଗରୁ ଆଣି ପୃଥିବୀ ପୃଷ୍ଠରେ ପ୍ରବାହିତ ହେବା ପରି ସାମୁଦ୍ରିକ ଝଡ଼ର କ୍ରୋଧକୁ ପ୍ରତିହିତ କରିବା ପାଇଁ ଏହି ଝାଉଁବଣ ଆଶ୍ରୟ ସ୍ଥଳ ରୂପେ କାର୍ଯ୍ୟ କରିଥାଏ । ଷାଠିଏ ଓ ସତୁରୀ ଦଶକରେ ଓଡ଼ିଶାରେ ସମୁଦ୍ର କୂଳରେ ଏପରି ଆଶ୍ରୟସ୍ଥଳ ପାଇଁ ଆମେ ଗର୍ବ ଅନୁଭବ କରୁଛୁ । ବାଲେଶ୍ୱର, ଭଦ୍ରକ ଓ ପୁରୀକୁ ପ୍ରଦର୍ଶନ କାଳରେ ଏପରି ଉତ୍କୃଷ୍ଟ ଧରଣର କାର୍ଯ୍ୟକଳାପ ଦୃଷ୍ଟିଗୋଚର ହୋଇଥିଲା । ପରିବେଶର ନିରାପତ୍ତା ସହିତ ଏହି ସମ୍ବଳଗୁଡ଼ିକ ଭୂମିହୀନ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ପରିବାରକୁ ଜାଳେଣୀ କାଠ ଯୋଗାଇବାରେ ସହାୟକ ହୋଇଛି । ଏପରି ପରିବାରଗୁଡ଼ିକ ଝାଉଁବଣ ସଫାକରି ଏହାର ଚଟାଣରୁ ଜାଳେଣୀ କାଠ ସଂଗ୍ରହ କରିବାର ଦେଖାଯାଏ । ମୋଟାମୋଟି ଭାବରେ ଏପରି ଝାଉଁବଣ ସ୍ୱାସ୍ଥ୍ୟରେ ବହୁ ଅବନତି ଘଟିଛି । ଏହାର ଘନତ୍ୱ ହ୍ରାସ ପାଇବା ସହିତ ପୁନଃଭରଣା ହେଉନାହିଁ । ବହୁ ଜାଗାରେ ଏପରି ସମୃଦ୍ଧ ଝାଉଁବଣ କେତେକ କବକ ଜନିତ ଓ ଅନ୍ୟ ବ୍ୟାଧି ସୃଷ୍ଟିକାରୀ ଜୀବ ଦ୍ୱାରା ଆକ୍ରାନ୍ତ ହୋଇ ଶକ୍ତିହୀନ ଅବସ୍ଥା ସୃଷ୍ଟି କରିଛି । ଏହାର ପୁନରୁଦ୍ଧାର ଆଜିର ଆବଶ୍ୟକତା ମନେହୁଏ ।

ଜୁଆର ମାଡୁଥିବା ମଧ୍ୟବର୍ତ୍ତୀ କାଦୁଆ ସମତଳ ଅଞ୍ଚଳରେ କୌଣସି ଫଳପ୍ରଦ ବିକାଶ ହେଉନଥିବାରୁ ଏହା ସ୍ଥାନୀୟ ଗୋମହିଷାଦି ପଶୁଙ୍କର ଚାରଣ ଭୂମି ପାଲଟି ଯାଇଛି । ଏହି ପଶୁ ସମ୍ପଦର କେତେକ ଉପଯୋଗିତା ହେଉଛି ମାଲିକ ମାନଙ୍କୁ ଗୋବର ସହିତ କିଛି କୃଷି ଆବର୍ଜନା ମିଶ୍ରିତ ଜାଳେଣୀ ଯୋଗାଇବା, ଏପରି ଚାରଣ ଅନିଚ୍ଛାକୃତ ଏବଂ ଅତି ନିମ୍ନମାନର ଗୋଖାଦ୍ୟ ମିଳିଥାଏ । ଏକଦା ଅତି ସ୍ୱାଦିଷ୍ଟ ଗୋଖାଦ୍ୟ ଯୋଗାଉଥିବା "ବନି" ଗଛର ଚିହ୍ନ ମିଳୁନାହିଁ । ଏପରିକି ଅତି ଛନଛନିଆ ଏବଂ ପୁନରୁତ୍ପାଦନକ୍ଷମ ହେଉନାହିଁ । ଏଣୁ ସମ୍ବଳ ବିନିଯୋଗ ପ୍ରତିପାଳନ ହେଉନାହିଁ । ଏପରି ଜୀବନ ସହାୟକ ବାଲୁକା ବେଳାଭୂମି ଓ କାଦୁଅ ସମତଳ ଅଞ୍ଚଳ ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ରହିବା ଯୋଗୁ ଏହାର ପୁନରୁଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ଆବଶ୍ୟକ ।

### ହେନ୍ତାଳ ବନୀକରଣ

ବାଲେଶ୍ୱର ଓ ଭଦ୍ରକ ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ମୁଖ୍ୟ ଏବଂ ସେମାନଙ୍କର କ୍ଷେତ୍ର କର୍ମଚାରୀ ହେନ୍ତାଳ ବନ ସୃଷ୍ଟି ପାଇଁ ବ୍ୟାପକ ଅଞ୍ଚଳରେ ଆଶ୍ଚର୍ଯ୍ୟ ରକମର କାମ କରୁଛନ୍ତି ଯାହାକି ପୂର୍ବରୁ ଦେଖାଯାଇ ନଥିଲା । ଏହାକୁ ନିଜେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ୨୦୦୬ ମସିହାରେ ବାସୁଦେବପୁର ରେଞ୍ଜ କର୍ମଚାରୀଙ୍କ ଦ୍ୱାରା ଆଗରୁ ଏରମ ଗାଡ଼ିଆରେ ସଫଳତାର ସହ ପ୍ରଦର୍ଶିତ ହୋଇଥିବା ଅଭିନବ "ମାଛ କଣ୍ଟା ନାଳୀ" ଖନନ ପାଇଁ ବଡ଼ ବଡ଼ ମାଟି ଖୋଳା ଯନ୍ତ୍ର କାର୍ଯ୍ୟରେ ଲାଗିଛି । ଏକକ ବନୀକରଣ ଅପେକ୍ଷା ଜୈବ ବିବିଧତା ସମୃଦ୍ଧ ବନୀକରଣର ଆବଶ୍ୟକତାକୁ ଦ୍ୱିତୀୟ ପରିଦର୍ଶନରେ ଅନୁଭବ କରି ବହୁ ଜାତିର ବୃକ୍ଷରୋପଣ ପାଇଁ ନିଆଯାଇଥିବା ପଦକ୍ଷେପ ଦେଖିବାକୁ ମିଳିଥିଲା । ବାଲେଶ୍ୱରରେ ଏକ ପ୍ରାକୃତିକ ହେନ୍ତାଳବନ ପୂର୍ବ ବନୀକରଣରୁ ପୁନରୁତ୍ପନ୍ନ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ନୂତନ ରୋପଣ ପଦ୍ଧତି ଅନୁସରଣ କରାଯାଇଥିବା ଦେଖିବାକୁ ମିଳିଥିଲା, କିନ୍ତୁ ଏଥିରେ "ମାଛ କଣ୍ଟା ନାଳୀ" ଦେଖାଯାଇ ନଥିଲା । ଏହି ଉଭୟ ପ୍ରଣାଳୀକୁ ଏକାଠି ପରୀକ୍ଷା କଲେ କେଉଁଟି ଅଧିକ ଫଳପ୍ରଦ ଓ ଅଧିକ ସଫଳତା ଦେଇଥାଏ ତାହା ଜାଣିହେବ । ଉଭୟ ଖଣ୍ଡୀୟ ପରିଚାଳନା ୟୁନିଟ୍ ଭଲଭାବରେ ଜାଣନ୍ତି ଯେ ସ୍ଥାନୀୟ ସମ୍ବଳ ଉପରେ ନିର୍ଭରଶୀଳ ଲୋକଙ୍କୁ ଆରମ୍ଭରୁ ଏହି କାର୍ଯ୍ୟରେ ସଂପୃକ୍ତ କରିବାର ସୁଯୋଗ ରହିଛି । ବନ ସଂରକ୍ଷଣ ସମିତି ଓ ପରିବେଶ ଉନ୍ନୟନ କମିଟି (ଇ.ଡି.ସି.)ର ଭୂମିକା ସମ୍ବନ୍ଧରେ ଆତ୍ମସଂଯୋଗ ରକ୍ଷା କରୁଥିବା ଏହି ଦୁଇ ବନ୍ୟ ପ୍ରାଣୀ ସଂରକ୍ଷଣ ବନଖଣ୍ଡ ସ୍ତରରେ ଏହାର ସମାଧାନ ହୋଇଛି ଏବଂ ଲୋକମାନଙ୍କର ଏପରି ସାହସିକ ପଦକ୍ଷେପ ସ୍ପଷ୍ଟ ହୋଇଯାଇଛି । ସାମାଜିକ ସଂଚାଳନା, ନୂତନ ପରିସ୍ଥିତି ସହ ଅଭ୍ୟସ୍ତ ହେବା ଏବଂ ସକ୍ରିୟ ଅଂଶଗ୍ରହଣ ବର୍ତ୍ତମାନ ସ୍ପଷ୍ଟଭାବରେ ଉପଲବ୍ଧି କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ପାଇଁ ଯୋଜନା କରାଯାଇଛି । ଗୋଷ୍ଠୀମାନଙ୍କର ଜାଳେଣୀ ଓ ଗୋଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ବିକଳ୍ପ ସମ୍ବଳ ଯୋଗାଣ ପାଇଁ ସାଧାରଣ ପରାମର୍ଶଦାତା ଖଣ୍ଡୀୟ ପରିଚାଳନା ୟୁନିଟ୍‌କୁ ସହାୟତା ଯୋଗାଇବେ । ଆନ୍ତର୍ଜାତିକ ବିଶେଷଜ୍ଞ ହେନ୍ତାଳବନ ସମ୍ବନ୍ଧରେ ବୈଷୟିକ ପରାମର୍ଶ ପାଇଁ ଧନ୍ୟବାଦର ପାତ୍ର । ଏହାଦ୍ୱାରା ଜୈବ ବିବିଧତା ବୃଦ୍ଧି ସମ୍ଭବ ହେବ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଉତ୍ସର୍ଗୀକୃତ କାମ କରୁଥିବା ଭଦ୍ରକ ଓ ବାଲେଶ୍ୱର ଡିଭିଜନ୍ କର୍ମଚାରୀଙ୍କୁ ସାଧାରଣ ପରାମର୍ଶଦାତା ପ୍ରଶଂସା କରିଛନ୍ତି ।

### ଝାଉଁବଣ

ହୁଗୁଳି ନିକଟସ୍ଥ ଚନ୍ଦନେଶ୍ୱରରେ ଝାଉଁବଣ ସୃଷ୍ଟି ପାଇଁ ଏକ ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରାଯିବା ଦେଖିବାର ସୁଯୋଗ ମିଳିଥିଲା । ଏହି ବନୀକରଣରୁ ମାଲ୍ ଓ ସେବାର ଅନୁକୂଳ ପ୍ରବାହ ନିମନ୍ତେ ଆବଶ୍ୟକ ଆନୁବଂଶିକ ବିକାଶ ସମ୍ବନ୍ଧୀୟ ନୂତନ ଜ୍ଞାନ ହାସଲ ପାଇଁ କ୍ଷେତ୍ର କର୍ମଚାରୀମାନେ ଅଧିକ ଉତ୍ସାହିତ ହୋଇ ପଡ଼ିଛନ୍ତି ।

– **ମାଧବ ଗୋଗେଟ୍**, ଦଳପତି
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ର ସାଧାରଣ ପରାମର୍ଶଦାତା











## ସାମର୍ଥ୍ୟ ବିକାଶ

### ଉପକୂଳ ଝାଉଁ ବନୀକରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ମହାବିଦ୍ୟାଳୟର ବନ ବିଭାଗ ଆନୁକୂଲ୍ୟରେ ୨୦୦୮ ଫେବୃୟାରୀ ୧୦ ତାରିଖ ଦିନ ଉପକୂଳ ଝାଉଁ ବନୀକରଣ ଉପରେ ଏକଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ବାଲେଶ୍ୱର, ଭଦ୍ରକ, ରାଜନଗର, ପୁରୀ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଓ ଖୋର୍ଦ୍ଧା, କଟକ ଏବଂ ବ୍ରହ୍ମପୁର ବନଖଣ୍ଡର ୬ ଜଣ ବନ ସଂପ୍ରସାରଣ ଅଧିକାରୀ, ୮ ଜଣ ବନପାଳ, ୧୫ ଜଣ ଗ୍ରାମ ବନସେବକ ଯୋଗଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ଉପକୂଳ ଅଞ୍ଚଳର ମୃତ୍ତିକା, ଜଳବାୟୁ ଓ ଏହାର ଝାଉଁବଣ ପାଇଁ ଉପାଦେୟତା, ଝାଉଁବଣର ଜୀବବିଜ୍ଞାନ, ଉଚ୍ଚମାନର ବୃକ୍ଷର ରୂପତତ୍ତ୍ୱ, ବଂଶବିସ୍ତାର ପ୍ରଣାଳୀ, ରୋପଣ କୌଶଳ, ପରିଚାଳନା, ଜୈବ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଝାଉଁବଣର ଉତ୍ପାଦକତା ବୃଦ୍ଧି ଏବଂ ଝାଉଁବଣରୁ ସର୍ବାଧିକ ପ୍ରତ୍ୟର୍ପଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣରେ ଯେଉଁମାନେ ସାଧନ ବ୍ୟକ୍ତି ଭାବରେ ଅଂଶଗ୍ରହଣ କରିଥିଲେ ସେମାନେ ହେଲେ – ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସାଧାରଣ ପରାମର୍ଶଦାତା ଦଳପତି ମିଃ ଏମ୍.ଜି. ଗୋଗଟେ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି-ଜଙ୍ଗଲ ଗବେଷଣା ପ୍ରକଳ୍ପର ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଏ.କେ. ମହାପାତ୍ର ଓ ବୈଜ୍ଞାନିକ ଡଃ ଆର.କେ. ପାତ୍ର, କୃଷି ମହାବିଦ୍ୟାଳୟ ଜଙ୍ଗଲ ବିଭାଗର ସହକାରୀ ପ୍ରଫେସର ଡଃ ଏ.କେ. ସାହୁ ଏବଂ ପ୍ରଫେସର ଏମ୍.ଏମ୍. ହୋସେନ୍ ।

### "ଜୀବିକା ନିର୍ବାହ ପାଇଁ ବ୍ୟବସାୟ ଯୋଜନା" ସମ୍ବନ୍ଧୀୟ ପ୍ରଶିକ୍ଷଣ

୨୦୦୮ ଫେବୃୟାରୀ ୨୫ ରୁ ୨୯ ମଧ୍ୟରେ ଏକ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସି.ୱାଇ.ଏସ୍.ଡି., ଭୁବନେଶ୍ୱର ଠାରେ ଏ.ଏଲ୍.ସି., ଇଣ୍ଡିଆ ଦ୍ୱାରା "ଜୀବିକା ଉନ୍ନତି ପାଇଁ ବ୍ୟବସାୟ ଯୋଜନା" ଉପରେ ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପ ତରଫରୁ ନିଜ ବନଖଣ୍ଡର ପ୍ରଥମ ପର୍ଯ୍ୟାୟ ବନ ସଂରକ୍ଷଣ ସମିତି ଅଧିନସ୍ଥ ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ୫ ଜଣ ବନ ସଂପ୍ରସାରଣ ଅଧିକାରୀଙ୍କୁ ଏଥିନିମନ୍ତେ ପଠାଯାଇ ଥିଲା । ଶ୍ରୀ ଏସ୍.ଏଫ୍. ଅଲ୍ଲି, ଶ୍ରୀ ଲୋକନାଥ ମହାପାତ୍ର, ଶ୍ରୀ ବି.ଏନ୍. ଶର୍ମା, ଶ୍ରୀ ବ୍ରହ୍ମାନନ୍ଦ ସାହୁ ଏବଂ ଶ୍ରୀ ରମେଶ ଚନ୍ଦ୍ର ବେହେରାଙ୍କୁ ଯଥାକ୍ରମେ ଅନୁଗୁଳ, ଫୁଲବାଣୀ, କୋରାପୁଟ, ରାଉରକେଲା ଏବଂ କେନ୍ଦୁଝରର ଖଣ୍ଡୀୟ ପରିଚାଳନା ୟୁନିଟ୍ ରୁ ଏହି ପ୍ରଶିକ୍ଷଣ ନିମନ୍ତେ ପଠାଯାଇଥିଲା । ଜଙ୍ଗଲ ମଧ୍ୟରେ ବା ଜଙ୍ଗଲ ନିକଟରେ ନିଜର ଜୀବନ ଧାରଣ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ପାଇଁ ଆବଶ୍ୟକ ବାସ୍ତବ ଯୋଜନା ପ୍ରଣୟନ ଉପରେ ମୂଲ୍ୟବାନ ସୂଚନା ଲାଭ ଓ ମୌଳିକ ତଥ୍ୟ ହାସଲ ବାବଦରେ ସେମାନେ ବିଶ୍ୱାସ ଲାଭ କରିବା ପ୍ରକାଶ କରିଥିଲେ । ସାଧନ ବ୍ୟକ୍ତିମାନେ ସଂପୂର୍ଣ୍ଣ ଭାବରେ ହୃଦୟଙ୍ଗମ କରିଥିଲେ ଯେ ଦାରିଦ୍ର୍ୟ ହ୍ରାସ ସହିତ ଜୀବିକା ପସନ୍ଦ ବୃଦ୍ଧି ପରି ବହୁ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରକଳ୍ପ କର୍ମକର୍ତ୍ତା, ବେସରକାରୀ ସଂଗଠନ, ବନସଂରକ୍ଷଣ ସମିତି ଗୁଡ଼ିକର ମିଳିତ ଉଦ୍ୟମ ଆବଶ୍ୟକ । ମୋଟାମୋଟି ଭାବରେ ସାମର୍ଥ ବିକାଶ, ଶ୍ରମ ପ୍ରବେଶ ପଥ, ପାରସ୍ପରିକ ସଂଯୋଗ, ଗ୍ରାମ ଗୋଷ୍ଠୀର ଯୁବ ଓ ଜୀବିକା ଉପରେ ମୁଖ୍ୟତଃ ଦୃଷ୍ଟି ଦିଆଯିବ । ରୋଜଗାର କ୍ଷମ ଦାରିଦ୍ର୍ୟ ନିବାରଣ କାର୍ଯ୍ୟକ୍ରମ ରୂପାୟନ କରିବା ପୂର୍ବରୁ ଯେଉଁ ବିଷୟଗୁଡ଼ିକୁ ବିଚାରକୁ ଯିବା ଆବଶ୍ୟକ ସେଗୁଡ଼ିକ ହେଲା – ସମ୍ଭାବନା, ଦାରିଦ୍ର୍ୟ ସ୍ତର, ପ୍ରତିପାଳନ କାର୍ଯ୍ୟାବଳୀ, ସାମର୍ଥ୍ୟ ଗଠନ, ଦାରିଦ୍ର୍ୟ ହ୍ରାସ ଚିନ୍ତାଧାରା, କାର୍ଯ୍ୟକାରିତା, ନୀତି ଓ କ୍ଷତିଭୟ ଏବଂ ପରିଚାଳନା । ପ୍ରଶିକ୍ଷଣ ପାଠ୍ୟକ୍ରମର କେନ୍ଦ୍ରୀୟ ବିଷୟବସ୍ତୁ ଥିଲା ସାମର୍ଥ୍ୟ ବିକାଶ । ଏହାର ଅର୍ଥ ହେଉଛି ଜ୍ଞାନ, ନୈପୁଣ୍ୟ ଓ ବିଶ୍ୱାସର ଉନ୍ନତି ଦ୍ୱାରା ଲକ୍ଷ୍ୟ ହାସଲ କରିବା । ସମସ୍ତ ପ୍ରଶିକ୍ଷଣ ପାଠ୍ୟକ୍ରମର କେନ୍ଦ୍ରୀୟ ବିଷୟବସ୍ତୁ ଥିଲା ସାମର୍ଥ୍ୟ ବିକାଶ । ଏହାର ଅର୍ଥ ହେଉଛି ଜ୍ଞାନ, ନୈପୁଣ୍ୟ ଓ ବିଶ୍ୱାସର ଉନ୍ନତି ଦ୍ୱାରା ଲକ୍ଷ୍ୟ ହାସଲ କରିବା । ମାଇକ୍ରୋ ସ୍ତରରେ ଏହାର ଉଦ୍ଦେଶ୍ୟ ଥିଲା କାର୍ଯ୍ୟକଳାପ ଗୁଡ଼ିକର ଉତ୍ତମ ପରିଚାଳନା ଏବଂ ଦକ୍ଷତା ବୃଦ୍ଧିଦ୍ୱାରା ଅଧିକ ରୋଜଗାର ସୃଷ୍ଟି କରିବା । ଏହି ୫ ଦିନିଆ ସଂକ୍ଷିପ୍ତ ପ୍ରଶିକ୍ଷଣରେ ଓ.ଏଫ୍.ଏସ୍.ଡି.ପି. ଅନ୍ତର୍ଗତ ଲକ୍ଷ୍ୟ ଗ୍ରାମଗୁଡ଼ିକରେ ପ୍ରକୃତି ମିତ୍ର ଏବଂ ବାସ୍ତବ ଦୃଷ୍ଟିକୋଣରୁ ଗ୍ରହଣୀୟ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଗୁଡ଼ିକୁ ବାହାର କରିବା ପାଇଁ ଜୀବିକା ନିର୍ବାହ ଉନ୍ନତିର ମୌଳିକ ଚିନ୍ତାଧାରା ଉପରେ ଆଲୋଚନା ଏବଂ ଟିପ୍ପଣୀ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀ ବନ ସଂପ୍ରସାରଣ ଅଧିକାରୀଙ୍କ ଅନ୍ତର୍ନିହିତ ପକ୍ଷପାତକୁ ଦୂରୀଭୂତ କରିବା ସହିତ ପ୍ରଶିକ୍ଷଣ ଛାଞ୍ଚକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରଶିକ୍ଷଣ ଉପଲବ୍ଧ ଜ୍ଞାନକୁ ପ୍ରକଳ୍ପ ଅଧିକାରୀ, ବେସରକାରୀ ସଂଗଠନ ଦଳ ଓ ଖଣ୍ଡୀୟ ପରିଚାଳନା ୟୁନିଟ୍ ସ୍ତରରେ ଥିବା ବନ ସଂରକ୍ଷଣ ସମିତି ଗୁଡ଼ିକୁ ହସ୍ତାନ୍ତର କରିବାରେ ସହାୟକ ହେବ ।

**(ଶ୍ରୀ ରମେଶ ଚନ୍ଦ୍ର ବେହେରା,** ବନ ସଂପ୍ରସାରଣ ଅଧିକାରୀ, ଡି.ଏମ୍.ୟୁ., କେନ୍ଦୁଝର)




# ମହାରାଷ୍ଟ୍ର ବନଉନ୍ନୟନ ନିଗମ ଲିଃରେ ପ୍ରଶିକ୍ଷଣ ତଥା କ୍ଷେତ୍ର ପରିଦର୍ଶନ

## ରୁଟ୍ ଟ୍ରେନ୍‌ର ନର୍ସରୀ

ରୁଟ୍ ଟ୍ରେନର ଗୁଡ଼ିକ ହେଉଛି କୋନ୍ ଆକୃତିର କୋଷ ଯାହା ମଧ୍ୟରେ ୫ ରୁ ୬ଟି ହୁଡ଼ା ସହିତ ଏକ ନିଷ୍କାସନ ଗର୍ତ୍ତ ନିମ୍ନଦେଶରେ ଥାଏ । ଏଗୁଡ଼ିକ ଏକକ ଭାବରେ ବା ଗୋଟିଏ ବ୍ଲକରେ ୧୦୦, ୧୫୦, ୨୫୦ ଓ ୩୦୦ ଘନସେଣ୍ଟିମିଟର ଆୟତନ ବିଶିଷ୍ଟ ହୋଇଥାଏ । ଏହି କୋନ୍ ଗୁଡ଼ିକ ବାସ୍ତବରେ ଚେରକୁ ପ୍ରାକୃତିକ ଉପରେ ତାଲିମ ଦିଏ । ଏହା ଫଳରେ କୋନ୍ ମଧ୍ୟରେ ହୁଡ଼ା ସହିତ ସମାନ୍ତରାଳ ଭାବରେ ଚେର ଗତିକରେ ଏବଂ ନିଷ୍କାସନ ଗର୍ତ୍ତ ମଧ୍ୟରୁ ବାହାରି ବାୟୁ ଓ ସୂର୍ଯ୍ୟଲୋକ ସଂସ୍ପର୍ଶରେ ଆସିବାବେଳେ ଗୁଡ଼ାଇ ନହୋଇ ସ୍ୱତଃ କାଟଛାଣ୍ଟ ହୋଇଥାଏ । ଏହି କାରଣରୁ ଭୂମି ପତନର ୧୫ ସେଣ୍ଟିମିଟର ଉଚ୍ଚରେ ରୁଟ୍ ଟ୍ରେନର ବ୍ଲକ ଗୁଡ଼ିକୁ ଷ୍ଟାଣ୍ଡରେ ରଖାଯାଏ । ରୁଟ୍ ଟ୍ରେନର ବ୍ଲକ ଗୁଡ଼ିକୁ ସୁବିଧାରେ ପରିବହନ କରିହେବ ଏବଂ ଏଗୁଡ଼ିକ ଦୀର୍ଘସ୍ଥାୟୀ ଓ କମ ଜଳ ତଥା ବୃଦ୍ଧି ମାଧ୍ୟମ ଆବଶ୍ୟକ କରେ । ସାର ଓ କୀଟନାଶକ ଔଷଧ ପ୍ରୟୋଗ ମଧ୍ୟ ରୁଟ୍ ଟ୍ରେନର ରେ ସହଜ ହୁଏ । ଏକ ଛୋଟ ଜାଗାରେ ଅଧିକ ସଂଖ୍ୟକ ଉଦ୍ଭିଦ ସୃଷ୍ଟି କରାଯାଇ ପାରିବ । ମହାରାଷ୍ଟ୍ର ବନ ଉନ୍ନୟନ ନିଗମ ଲିଃ ରୁଟ୍ ଟ୍ରେନର କୌଶଳ ଅନୁସରଣ କରିବାର ପ୍ରଥମ ପଥ ପ୍ରଦର୍ଶକ । ଗତ ଦଶନ୍ଧି ମଧ୍ୟରେ ଏହି ନିଗମ ବହୁ ଜାତିର ଚାରା ପ୍ରସ୍ତୁତ କରିଛନ୍ତି ଯାହାକି ସେମାନଙ୍କର ରୋପଣ କାର୍ଯ୍ୟକ୍ରମ ସହ ଜଡ଼ିତ । ଏହା ଫଳରେ ମହାରାଷ୍ଟ୍ର ବନଉନ୍ନୟନ ନିଗମ କ୍ଷେତ୍ର କର୍ମଚାରୀମାନେ ବର୍ତ୍ତମାନ ସମୃଦ୍ଧ ଅନୁଭୂତିର ଏକ ସଂଗ୍ରହାଳୟ ହୋଇଛନ୍ତି ଏବଂ ସଫଳତାର ସହ ରୁଟ୍ ଟ୍ରେନର କୌଶଳ ଅନୁସରଣ କରୁଛନ୍ତି । ଏହି ସମୟ ମଧ୍ୟରେ ଅନୁଷ୍ଠାନ ବିସ୍ତୃତ ମାର୍ଗଦର୍ଶିକା ଓ ପ୍ରକରଣ ପୁସ୍ତିକା ବାହାର କରିଛି ଏବଂ ସେମାନଙ୍କର ତଥ୍ୟବସ୍ତୁ ବ୍ୟାପକ ଭାବରେ ପରୀକ୍ଷା କରାଯାଇଛି । ଉପଯୁକ୍ତ ଉତ୍ସରୁ ବିହନ ସଂଗ୍ରହ, ପ୍ରକ୍ରିୟାକରଣ, ସାଇତା ଓ ପ୍ରମାଣୀକରଣ ଉପରେ ବହୁ କାର୍ଯ୍ୟ କରାଯାଉଛି । ଏଗୁଡ଼ିକ ସ୍ୱଳ୍ପ ବ୍ୟୟରେ ଉପଯୁକ୍ତ ଅନୁବଂଶିକ ଗୁଣ ଥିବା ଉଚ୍ଚମାନର ବିହନ ପାଇବାର ପ୍ରାକ୍ ଆବଶ୍ୟକତା ହୋଇପାରିଛି ।



ପ୍ରକଳ୍ପ ଉଦ୍ଦେଶ୍ୟ ହାସଲ ନିମନ୍ତେ ଉପଯୁକ୍ତ ଅମଳ ଓ ପ୍ରତ୍ୟାର୍ପଣ ପାଇଁ ଆନୁବଂଶିକ ଦୃଷ୍ଟିରୁ ଉଚ୍ଚମାନରେ ରୋପଣବସ୍ତୁ ଉପଯୁକ୍ତ ଜାତିର ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଉପଯୋଗୀ ହେବା ଆବଶ୍ୟକ । ଏଣୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକ୍ରମରେ ଚାରା ଉତ୍ପାଦନ ପ୍ରଣାଳୀର ଉନ୍ନତିକରଣ ଦ୍ୱାରା ବୈଷୟିକ ଜ୍ଞାନ ସୁବିଧା ଓ ଅଭିନବ କରଣର ସୁଯୋଗ ରହିଛି । ଏହି ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ଦୃଢ଼ୀକରଣ ନିମନ୍ତେ ପ୍ରକଳ୍ପ ଅଧିକାରୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ସଫଳତାର ସହ ଅନ୍ୟତ୍ର ଆରମ୍ଭ କରାଯାଇଥିବା ଜ୍ଞାନକୌଶଳର ପ୍ରାଥମିକ ଅନୁଭୂତି ଗ୍ରହଣ ସୁବିଧା ଯୋଗାଇ ଦିଆଯାଇଛି । ଏହିପରି ଏକ କ୍ଷେତ୍ର ପରିଦର୍ଶନରେ ୨୦ ଜଣ ଓଡ଼ିଶା ବନ ବିଭାଗ ଅଧିକାରୀ (୪ ଜଣ ରେଞ୍ଜ ଅଧିକାରୀ, ୩ ଜଣ ବନ ସଂପ୍ରସାରଣ ଅଧିକାରୀ ଓ ୧୩ ଜଣ ଗ୍ରାମ୍ୟ ବନସେବକ) ମହାରାଷ୍ଟ୍ର ବନଉନ୍ନୟନ ନିଗମ ଲିଃ ଅଧିନସ୍ଥ ଗଁଦିଆ ଜଙ୍ଗଲ ବନଖଣ୍ଡରେ ହାଇଟେକ ନର୍ସରୀ କୌଶଳ ସମ୍ବନ୍ଧୀୟ ଶିକ୍ଷାଲାଭ କରିଥିଲେ । ଏହି ଶିକ୍ଷାକ୍ଷେତ୍ର ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କର୍ମକର୍ତ୍ତାଙ୍କ ସାମର୍ଥ୍ୟ ବିକାଶ ଓ ରୁଟ୍ ଟ୍ରେନର ନର୍ସରୀ ପରି ଉନ୍ନତ ନର୍ସରୀ କୌଶଳ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧିକରିବା ।

ଚୁଳାବନ୍ଧ ଚାରା ଉତ୍ପାଦନ କେନ୍ଦ୍ର ରେ ଉପଯୁକ୍ତ କୁଣ୍ଡ ପୂରଣ ମାଧ୍ୟମ ଏବଂ ସେଗୁଡ଼ିକର ପରିମାଣ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷା ଭ୍ରମଣରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ ଆଗ୍ରୋନେଟ୍ ଘର ପରିଦର୍ଶନ କରି କୁଣ୍ଡପୂରଣ ମାଧ୍ୟମ ପ୍ରସ୍ତୁତି ସହିତ ରୁଟ୍ ଟ୍ରେନ୍‌ର ପାତ୍ର ପୂରଣ ଏବଂ ଏହି ବ୍ଲକ ଗୁଡ଼ିକର ଷ୍ଟାଣ୍ଡରେ ରଖିବା କୌଶଳ ପର୍ଯ୍ୟବେକ୍ଷଣ କରିଥିଲେ । ସେମାନଙ୍କୁ ବିହନ ଅଙ୍କୁରଣ ପ୍ରକ୍ରିୟା ଓ ଚାରାର କଷ୍ଟସହଣୀ ପଦ୍ଧତି ଦେଖାଇ ଦିଆଯାଇଥିଲା । ଉପଚାରିତ ଶାଗୁଆନ ଏବଂ ପତଳା ଆବରଣଥିବା ଶିଶୁ, ଅଁଳା ଇତ୍ୟାଦି ବୀଜରୁ ରୁଟ୍ ଟ୍ରେନର ପଦ୍ଧତିରେ ଚାରା ଉତାରିବା କୌଶଳ ସେମାନେ ଶିକ୍ଷାଲାଭ କରିଥିଲେ । କ୍ଷେତ୍ର ପରିଦର୍ଶନ କାଳରେ ସେମାନେ କଂପୋଷ୍ଟ ଘର ପରିଦର୍ଶନ କରି କଂପୋଷ୍ଟ ପ୍ରସ୍ତୁତି ଓ ଜିଆଖତ ପ୍ରସ୍ତୁତି ସମ୍ବନ୍ଧୀୟ ଶିକ୍ଷାଲାଭ କରିଥିଲେ । ପମ୍ପ ଓ ଛଣାଯନ୍ତ୍ର ସହିତ ଅଣୁ ଜଳସେଚନ ପ୍ରଣାଳୀ ଏବଂ ରୁଟ୍ ଟ୍ରେନର ଜଳସେଚନ ପ୍ରଣାଳୀ ସେମାନେ ଦେଖିଥିଲେ । ଅଂଗଜ ପ୍ରଣାଳୀରେ ମିଷ୍ଟ ଚାମ୍ବର (କୁହୁଡ଼ି ପ୍ରକୋଷ୍ଠ) ମଧ୍ୟରେ କିପରି ନୀଳଗିରି ଚାରା ପ୍ରସ୍ତୁତ କରାଯାଇଛି ସେମାନେ ଦେଖିଥିଲେ । ରୁଟ୍ ଟ୍ରେନର ଚାରା ଦ୍ୱାରା ବୃକ୍ଷରୋପଣ, ସାଗୁଆନ ଖୁଣ୍ଟାରୁ ବୃକ୍ଷରୋପଣ ଓ ଅଂଗଜ ପ୍ରଣାଳୀରେ ପ୍ରସ୍ତୁତ ନୀଳଗିରି ଚାରା ରୋପଣ ଦେଖିବା ପରେ ସେମାନେ ପର୍ଯ୍ୟବେକ୍ଷଣ କରିଥିଲେ ଯେ ରୁଟ୍ ଟ୍ରେନର ପ୍ରସ୍ତୁତ ଚାରା ରୋପଣ କରାଯାଇଥିବା ସାଗୁଆନ ଗଛ ଖୁଣ୍ଟା ଦ୍ୱାରା ରୋପଣ କରାଯାଇଥିବା ଚାରା ଅପେକ୍ଷା ଭଲ ବଢ଼ିଥାଏ ଏବଂ କିଆରୀ ସାରା ସମାନ ହୋଇଥାଏ । ହାଇଟେକ୍ ନର୍ସରୀର ବିଭିନ୍ନ ନର୍ସରୀ କୌଶଳ ସମ୍ବନ୍ଧୀୟ ବାସ୍ତବ ଜ୍ଞାନ ଦ୍ୱାରା ଅଂଶଗ୍ରହଣକାରୀ କର୍ମକର୍ତ୍ତା ପ୍ରଭାବିତ ହୋଇଥିଲେ ।







# ଜୀବିକା ନିର୍ବାହ ଉନ୍ନତି ପାଇଁ ବ୍ୟବସାୟ ଯୋଜନା

**-(କନ୍ଧମାଳ ଜିଲ୍ଲାରେ ରୋଜଗାର କ୍ଷମ କାର୍ଯ୍ୟକ୍ରମର ସମ୍ଭାବନା)** - **ଏଲ୍.ଏନ୍. ମହାପାତ୍ର,** ବନ ସଂପ୍ରସାରଣ ଅଧିକାରୀ, ଫୁଲବାଣୀ ଖଣ୍ଡୀୟ ପରିଚାଳନା ୟୁନିଟ୍

ଜୀକିକା ନିର୍ବାହ ମାଧ୍ୟମରେ ଲୋକମାନେ ସେମାନଙ୍କର ଆବଶ୍ୟକତା ପୂରଣ କିମ୍ବା ଜୀବନଧାରଣ କରନ୍ତି । ଜୀବିକା ନିର୍ବାହ ଯଥେଷ୍ଟ ମାତ୍ରାରେ ଦାରିଦ୍ର୍ୟ ଦୂରୀକରଣ ସହିତ ଗ୍ରହଣୀୟ ଭାବରେ ପାରିବାରିକ ମଙ୍ଗଳ ବୃଦ୍ଧି କରିବା ଆବଶ୍ୟକ । ଜୀବିକା ନିର୍ବାହ ବଞ୍ଚିବାର ଓ ଭୌତିକ ଏବଂ ମାନସିକ ମଙ୍ଗଳକୁ ସମର୍ଥନ କରୁଥିବା ଏକ ମାଧ୍ୟମ । ଗରିବ ଲୋକ ମାନଙ୍କର ଜୀବିକା ଅନ୍ୟ ସାମାଜିକ ଶ୍ରେଣୀ ଠାରୁ ଅଲଗା ହୋଇଥାଏ । ପରିସଂପତ୍ତି ଲାଭ କରିବା ଓ ଏହାର ନିୟନ୍ତ୍ରଣ ତଥା ସଂଯୋଗକୁ ଦାରିଦ୍ର୍ୟକୁ ବ୍ୟାଖ୍ୟା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଦାରିଦ୍ର୍ୟକୁ ବୁଝିବା ନିମନ୍ତେ ପରିସମ୍ପତ୍ତି, ବୈଷୟିକ ଜ୍ଞାନକୌଶଳ, ଅନୁଷ୍ଠାନ ଓ ବଜାର ପରି ଚାରିଟି ପରିସର ଗୁରୁତ୍ୱପୂର୍ଣ୍ଣ ଅଟେ ।

### ବ୍ୟବସାୟ ଯୋଜନା ପ୍ରସ୍ତୁତିର ମୁଖ୍ୟ ଉଦ୍ଦେଶ୍ୟ

- ଋଣ ଯୋଗାଣକାରୀଙ୍କୁ କ୍ରେଡ଼ିଟ୍ ପ୍ଲାନ୍ ଦେଖାଇ ଏହାର ବ୍ୟବସାୟିକ ଅକାଟ୍ୟତା ନିର୍ଣ୍ଣୟ କରିବା ।
- ଭବିଷ୍ୟତରେ ଅଣୁ-ଯୋଜନାକୁ ଲାଭଦାୟକ କରିବା ପାଇଁ ଏହାର ସମ୍ଭାବନା ନିରୂପଣ କରିବା ।
- ଆବଶ୍ୟକ ଆର୍ଥିକ ସମର୍ଥନ ନିରୂପଣ କରିବା
- ଆବଶ୍ୟକ କାର୍ଯ୍ୟ ଗ୍ରହଣ ଓ ସମ୍ବଳ ନରୂପଣ କରିବା
- ସମ୍ବଳ ଯୋଗାଡ଼ ପାଇଁ ବିଭିନ୍ନ ସୂତ୍ର ବାହାର କରିବା ଏବଂ ଏହାର ବୃଦ୍ଧି ପାଇଁ ବ୍ୟବସ୍ଥା କରିବା
- ଅଣୁ-ଉଦ୍ୟୋଗର ତ୍ରୁଟି ସୁଧାରିବା
- ଉତ୍ପାଦନ ସମୟରେ ଅର୍ଥ ଆବଶ୍ୟକତା ହିସାବ କରିବା

କନ୍ଧମାଳ ହେଉଛି ଏକ ମୁଖ୍ୟ ଆଦିବାସୀ ଜିଲ୍ଲା ଏବଂ ଏହାର ବହୁସଂଖ୍ୟକ ଆଦିବାସୀ ଦାରିଦ୍ର୍ୟ ସୀମାରେଖା ତଳେ ବାସକରନ୍ତି । ଜିଲ୍ଲାର ୭୦ ଶତାଂଶରୁ ଅଧିକ ଅଞ୍ଚଳ ପାହାଡ଼ିଆ ଥିବାରୁ ଏବଂ ଚାଷଜମି ସୀମିତ ଥିବାରୁ କୃଷି ଉତ୍ପାଦନ ଦୃଷ୍ଟିରୁ ଜିଲ୍ଲାର ଲୋକମାନେ ସ୍ୱାବଲମ୍ବୀ ହୋଇ ପାରି ନାହାନ୍ତି । ତେବେ ସେମାନେ ଜଂଗଲରୁ ଅଁଳା, ଝାଡ଼ୁ ଇତ୍ୟାଦି ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ମଧ୍ୟସ୍ଥ ଙ୍କୁ ବିକ୍ରୟ କରି ଅର୍ଥରୋଜଗାର କରନ୍ତି । ପାରମ୍ପରିକ ପଦ୍ଧତିରେ ଜୈବିକ ବସ୍ତୁ ହିସାବରେ ଶାଳପତ୍ର ବ୍ୟବହାର କରି ହଳଦୀ ଚାଷ କାରନ୍ତି । ବାହାର ବଜାରରେ କନ୍ଧମାଳ ହଳଦୀର ଅଧିକ ପସନ୍ଦ ଓ ବଜାର ଚାହିଦା ରହିଛି । ଲୋକମାନେ ସିଆଳି ପତ୍ର, କେନ୍ଦୁପତ୍ର ଇତ୍ୟାଦି ସଂଗ୍ରହ କରି ସେମାନଙ୍କର ଜୀବିକା ନିର୍ବାହ କରନ୍ତି । ଏହି ଆଦିବାସୀମାନଙ୍କର ରୋଜଗାର ସୃଷ୍ଟି ନିମନ୍ତେ ସ୍ଥାନୀୟ ସମ୍ବଳର ବିନିଯୋଗ ପାଇଁ ଉଦ୍ୟମ ଆବଶ୍ୟକ । ବହୁ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଇତ୍ୟାଦି ଗଠନ କରାଯାଇ ଜିଲ୍ଲାର ଲୋକମାନଙ୍କୁ ସଚେତନ କରାଯାଉଛି । ସେମାନଙ୍କୁ ସିଆଳି ପତ୍ର ଖଲି, ଜଙ୍ଗଲି ଝାଡ଼ୁ, ପ୍ରସ୍ତୁତି, ମହୁ ସଂଗ୍ରହ ଓ ବାଉଁଶ ଉପକରଣ ତିଆରି ପାଇଁ ତାଲିକା ଦିଆଯାଉଛି । ଉନ୍ନତ ପ୍ରଣାଳୀରେ ପନିପରିବା ଚାଷ ପାଇଁ ସେମାନଙ୍କୁ ଆବର୍ତ୍ତନ ପାଣ୍ଠି, ପାଣି ପମ୍ପ ଓ କୃଷକ ବନ୍ଧୁ ପମ୍ପ ଇତ୍ୟାଦି ଯୋଗାଇ ଦିଆଯାଉଛି । କୃଷି ଉତ୍ପାଦନ କ୍ଷେତ୍ରରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଅତିରିକ୍ତ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରି ଅର୍ଥରୋଜଗାର କରିବା ନିମନ୍ତେ ଦୃଷ୍ଟିଦେବା ଆବଶ୍ୟକ । ଏହି ପରିପ୍ରେକ୍ଷିରେ ଜିଲ୍ଲାର ଆଦିବାସୀମାନଙ୍କର ରୋଜଗାର ବୃଦ୍ଧି ପାଇଁ ଏକ ହଳଦୀ ପ୍ରକ୍ରିୟା କରଣ ୟୁନିଟ୍‌ର ଆବଶ୍ୟକତା ରହିଛି । ଏଥିରେ ପ୍ରଚୁର ପରିମାଣରେ ମିଳୁଥିବା କଞ୍ଚା ହଳଦୀକୁ ପ୍ରକ୍ରିୟାକରଣ କରାଯାଇ ପାରିବ । ଏହାର ଏକ ଆନୁମାନିକ ଖର୍ଚ୍ଚ ଅଟକଳ ନିମ୍ନରେ ଦର୍ଶାଗଲା ।

### ହଳଦୀ ପ୍ରକ୍ରିୟାକରଣର ସୋପାନ ଚିତ୍ର

**ହଳଦୀ ସଂଗ୍ରହ ସମୟ**
ଜାନୁୟାରୀ-ଫେବୃୟାରୀ

↓

**ହଳଦୀ ଶିଝା**
(ଅତ୍ୟଧିକ ଶିଝା ଅନାବଶ୍ୟକ)

↓

**ଶୁଷ୍କୀକରଣ**
(ଆର୍ଦ୍ରତା ହ୍ରାସ ୦-୧%)
କିଲୋଗ୍ରାମ ପ୍ରତି ମୂଲ୍ୟ ଟ.୨୫ଙ୍କା

↓

**ଗ୍ରେଡ଼ିଂ ଓ ପାଲିସ କରିବା**
ଛୋଟ ଖଣ୍ଡ ବାହାର କରିବା ଯେଉଁଗୁଡ଼ିକ ଗୁଣ୍ଡବେଳେ ବ୍ୟବହାର କରାଯାଇ ପାରିବ
(୧୦-୩୦% କ୍ଷତି) – ମୂଲ୍ୟ କିଲୋପ୍ରତି ଟ.୩୦ଙ୍କା

↓

**ହଳଦୀ ଗୁଣ୍ଡ କରିବା ଓ ଚଲାଇବା**
୧୦-୧୫% କ୍ଷତି
ମୂଲ୍ୟ କିଲୋପ୍ରତି ଟ.୪୦ଙ୍କା

↓

**ପ୍ୟାକିଂ, ପରିବହନ ଓ ବିପଣନ**
(୨% କ୍ଷତି)
ମୂଲ୍ୟ କିଲୋପ୍ରତି ଟ.୬୦ଙ୍କା

### ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ କାର୍ଯ୍ୟଯୋଜନା

ମଞ୍ଜୁର ଅର୍ଥ – ଟ.୨୫,୦୦୦ଙ୍କା
ହଳଦୀ ମୂଲ୍ୟ – କିଲୋପ୍ରତି ଟ.୨୫ଙ୍କା
କଞ୍ଚା ହଳଦୀ ପରିମାଣ – ଚାଷୀଙ୍କ ଠାରୁ ସିଧାସଳଖ କିଣା ୧୦୦୦ କିଲୋଗ୍ରାମ

↓

ଗ୍ରେଡ଼ିଂ ପରେ ହଳଦୀ ପରିମାଣ – ୮୦୦ କିଲୋଗ୍ରାମ

↓

ଛୋଟ ହଳଦୀ ଖଣ୍ଡ – ୨୦୦ କିଲୋଗ୍ରାମ (ଗୁଣ୍ଡ ପାଇଁ ଉପଯୁକ୍ତ) ସଫା ହଳଦୀ ଗୁଣ୍ଡ ୧୦ କିଲୋଗ୍ରାମରୁ ଅଧିକ ଏବଂ ଏହାର ମୂଲ୍ୟ କିଲୋଗ୍ରାମ ପ୍ରତି ଟ.୪୦ଙ୍କା ହିସାବରେ ଟ.୪୦୦୦ଙ୍କା

↓

ହଳଦୀ ପାଲିସ ପରେ ୫-୧୦% କ୍ଷତି ୮୦୦-୬୦ କିଲୋଗ୍ରାମ = ୭୪୦ କିଲୋଗ୍ରାମ । ମୂଲ୍ୟ କିଲୋଗ୍ରାମ ପ୍ରତି ଟ.୩୨ଙ୍କା ହିସାବରେ ଟ.୨୩୬୮୦ଙ୍କା

↓

ହଳଦୀ ଗୁଣ୍ଡ ଓ ଚଲାଇବା (କ୍ଷତି ୧୦-୧୫%) – ୯୨ କିଲୋଗ୍ରାମ । ଗୁଣ୍ଡ ଓ ଚଲାଇବା ମୂଲ୍ୟ କିଲୋପ୍ରତି ଟ.୫ଙ୍କା ହିସାବରେ ଟ.୩୭୦୦ଙ୍କା (୭୪୦ X ୫)
୭୪୦ – ୯୨ କିଲୋଗ୍ରାମ = ୬୪୮ କିଲୋଗ୍ରାମ ।
ବିଶୁଦ୍ଧ ଗୁଣ୍ଡ ହଳଦୀ କିଲୋଗ୍ରାମ ପ୍ରତି ଟ.୪୫ଙ୍କା ହିସାବରେ ଟ.୨୯,୧୬୦ଙ୍କା ।

↓

ପ୍ୟାକିଂ କ୍ଷତି ୨% = ୧୨ କିଲୋଗ୍ରାମ
୬୪୮ – ୧୨ କିଲୋପ୍ରତି = ୬୩୬ କିଲୋଗ୍ରାମ ।
କିଲୋଗ୍ରାମ ପ୍ରତି ଟ.୬୦ଙ୍କା ମୂଲ୍ୟରେ ଟ.୩୮,୧୬୦ଙ୍କା

↓

ପଲିଥିନ ମୁଣା, ପ୍ୟାକିଂ ଓ ଲେବୁଲ ଖର୍ଚ୍ଚ = କିଲୋପ୍ରତି ଟ.୧ଙ୍କା

↓

କ୍ରୟମୂଲ୍ୟ କିଲୋଗ୍ରାମ ପ୍ରତି ଟ.୨୫ଙ୍କା
ବିକ୍ରୟ ମୂଲ୍ୟ କିଲୋଗ୍ରାମ ପ୍ରତି ଟ.୬୦ଙ୍କା
ଲାଭ ଟ.୬୦ଙ୍କା-ଟ.୨୫ଙ୍କା = ଟ.୩୫ଙ୍କା

ବଜାରରେ ଗୁଣ୍ଡ ହଳଦୀ କିଲୋଗ୍ରାମ ପ୍ରତି ଟ.୮୦ଙ୍କା ରେ ବିକ୍ରୟ କରାଯାଇପାରେ । ଏଥିପାଇଁ ଅଧିକ ମୂଲ୍ୟ ସଂଯୋଗ, ଆକର୍ଷଣୀୟ ପ୍ୟାକିଂ, ଲେବୁଲ ଏବଂ ବିଜ୍ଞାପନ ଖର୍ଚ୍ଚ ଆବଶ୍ୟକ ।

### ସାରାଂଶ

| ବିକ୍ରୟ ମୂଲ୍ୟ (ଟଙ୍କା) | ଖର୍ଚ୍ଚ (ଟଙ୍କା) | ଲାଭ (ଟଙ୍କା) |
|---|---|---|
| ୩୮,୧୬୦/-<br>୪,୦୦୦/-<br>(ଛୋଟଖଣ୍ଡ) | ୨୫,୦୦୦/-<br>୩,୭୦୦/- (ଗୁଣ୍ଡ ହଳଦୀ)<br>ପ୍ୟାକିଂ ଖର୍ଚ୍ଚ – ୬୩୬/-<br>୧% ସୁଧ = ୨୫୦/- | **୧୨,୫୭୪** |
| **୪୨,୧୬୦/-** | **୨୯,୫୮୬/-** | |

# Project Glimpses .......

## Developing VSS Infrastructure


Phulbani - Pakangaon VSS


Angul - Badadandasahi VSS


Phulbani - Khaumunda VSS


Phulbani - Kaladi VSS



Platform of village well under E.P.A- PAKANAGAON VSS


VSS Office-Cum- Meeting Hall at PAKANAGAON Under Construction

## ANR Activities


Mallikpada VSS Phulbani Division


Ekgharia VSS Angul Division


Khaumunda VSS Phulbani Division

## ପ୍ରକଳ୍ପ ଅଗ୍ରଗତି

... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପକୂଳ ବନୀକରଣ

ଭଦ୍ରକ ଓ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଂଚଳରେ ୨୮୧୦ ହେକ୍ଟର ଜମିରେ ଉପକୂଳ ବନୀକରଣ ପାଇଁ ପ୍ରକଳ୍ପ ପରିକଳ୍ପନା କରାଯାଇଛି । ଜୁଆର ମାଡୁଥିବା ସନ୍ତସନ୍ତିଆ ଅଞ୍ଚଳରେ ହେନ୍ତାଳ (ମାନ୍‌ଗ୍ରୋଭ୍) ବନୀକରଣ ଏବଂ ଉପକୂଳ ବାଲୁକାମୟ ଅଞ୍ଚଳରେ ଝାଉଁବଣ ଦ୍ୱାରା ଏହି ଅଞ୍ଚଳର ଉପଚାର କରାଯିବ । ଆବଶ୍ୟକ ସ୍ଥଳେ ଜୁଆର ଗତି ନିୟନ୍ତ୍ରଣ ନିମନ୍ତେ "ମାଛକଣ୍ଟା ନାଳୀ" (Fish bone channel) ଖୋଳାଯିବ । ଏହି ଦୁଇ ବନ୍ୟପ୍ରାଣୀ ବନଖଣ୍ଡରେ ୨୦୦୭–୦୮ରେ ୩୪୦ ହେକ୍ଟର ଜମିରେ ହେନ୍ତାଳ ବନୀକରଣ ଓ ୮୮ ହେକ୍ଟର ଜମିରେ ଝାଉଁବଣ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟରେ ସହଭାଗୀ ହେବା ନିମନ୍ତେ ହେନ୍ତାଳ ବନ ନିକଟରେ ୫ଟି ଗ୍ରାମକୁ ବଛାଯାଇଛି ।

### ଶାଗୁଆନ ବନୀକରଣ

ଅଣ–ଯୁଗ୍ମ ବନ ପରିଚାଳନା ଶୈଳିରେ ପ୍ରକଳ୍ପ ତରଫରୁ ୧୯,୦୦୦ ହେକ୍ଟର ଜମିରେ ଶାଗୁଆନ ବନୀକରଣ କରାଯିବ । ଏହି ଶାଗୁଆନ ବୃକ୍ଷରୋପଣ ଖୋଲା ଜଙ୍ଗଲ ଅଞ୍ଚଳରେ ୧୦୦ ହେକ୍ଟର ବା ଏହା ଠାରୁ ଅଧିକ ଚକରେ ନିଆଯିବ । କାର୍ଯ୍ୟକାରୀ ଯୋଜନା ଅନୁମୋଦିତ ବନାଞ୍ଚଳରେ ଏପରି ବନୀକରଣ ପାଇଁ ସ୍ଥାନ ମନୋନୟନ କରାଯିବ । ଏପରି ଅଞ୍ଚଳ ମନୋନୟନ ସମୟରେ ବଜାର ଠାରୁ ଦୂରତ୍ୱ, ବୃକ୍ଷରୋପଣ ସ୍ଥଳକୁ ଯାତାୟତ ସୁବିଧା, ବନୀକରଣ ପାଇଁ ଜମିର ଅବସ୍ଥା, ରକ୍ଷଣାବେକ୍ଷଣ ଏବଂ ଅମଳ ସୁବିଧା ଓ ଶାଗୁଆନ ପାଇଁ ମୃତ୍ତିକାର ଉପଯୋଗିତା ବିଚାର କରାଯିବ । ବିଭିନ୍ନ କ୍ଷେତ୍ରର ବନଖଣ୍ଡ ଅଧିକାରୀ ତଥା ବନଖଣ୍ଡ ପରିଚାଳନା ୟୁନିଟ୍ ମୁଖ୍ୟଙ୍କ ଦ୍ୱାରା ଚିହ୍ନିତ ଅଞ୍ଚଳ ଓ ପ୍ରସ୍ତୁତିକୁ ଆଧାରକରି ପ୍ରକଳ୍ପ ତରଫରୁ ୨୦୦୮–୦୯ରେ ୮୦୦ ହେକ୍ଟର ଓ ୨୦୦୯–୧୦ରେ ୭୪୦୦ ହେକ୍ଟର ଜମିରେ ଏପରି ଶାଗୁଆନ ବନୀକରଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ପ୍ରକଳ୍ପ ପରିଚାଳନା ୟୁନିଟ୍, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ ସଫଳ କାର୍ଯ୍ୟାବଳୀ ପ୍ରକଳ୍ପ ସୂଚନାପତ୍ରରେ ପ୍ରକାଶନ ପାଇଁ ଖଣ୍ଡୀୟ ପରିଚାଳନା ୟୁନିଟ୍ / କ୍ଷେତ୍ର ପରିଚାଳନା ୟୁନିଟ୍ ଅଧିକାରୀ ଓ ବେସରକାରୀ ସ୍ୱେଚ୍ଛାସେବି ସଂଗଠନ ଦଳପତିମାନଙ୍କ ଠାରୁ ତଥ୍ୟଭିତ୍ତିକ ସଂକ୍ଷିପ୍ତ ସନ୍ଦର୍ଭ ଆହ୍ୱାନ କରୁଛନ୍ତି ।

OFSDP Orissa Forestry Sector Development Project Newsletter

ଜାପାନ ଆନ୍ତର୍ଜାତିକ ବ୍ୟାଙ୍କ ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

**ରବୀନ୍ଦ୍ରନାଥ ସାହୁ,** ଭା.ବ.ସେ.,
ଉପନିର୍ଦ୍ଦେଶକ
E-mail : rnsahoo50@yahoo.com

**ପ୍ରକାଶକ :**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି,**
ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର,
ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬
ଫ୍ୟାକ୍ସ – ୦୬୭୪–୨୩୮୪୦୮୫,
E--mail : webmail@ofsdp.org
http:\\www.ofsdp.org

ମୁଦ୍ରାକାର : **ଜ୍ୟୋତିଗ୍ରାଫିକ୍ସ,** ଫୋନ – ୦୬୭୪–୨୫୪୪୨୦୯, E-mail : jyotigraphics@gmail.com